Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୩୨, ଭୁବନେଶ୍ୱର, ଜୁନ୍ ୨୪-୩୦, ୨୦୨୪, Vol: 1, Issue: 32, Bhubaneswar, June 24-30, 2024

## ପାଣି ପାଇଁ ଆନ୍ଦୋଳନ କରୁଥିବା ବିଜେପି କର୍ମୀଙ୍କୁ ପୁଲିସ୍‌ର ପାଣି ମାଡ଼

ନୂଆଦିଲ୍ଲୀ : ଦେଶର ରାଜଧାନୀ ଦିଲ୍ଲୀରେ ଏବେ ସାଂଘାତିକ ଜଳସଙ୍କଟ ଦେଖିବାକୁ ମିଳୁଛି। ଲୋକମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହାକୁ ନେଇ କ୍ଷମତାସୀନ ଆପ୍ ଓ ବିରୋଧୀ ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଛି। ଏସବୁ ଭିତରେ ଆଜି ଦିଲ୍ଲୀର ଜଳ ସଙ୍କଟ ସମସ୍ୟା ବିରୋଧରେ ବିଜେପି ପକ୍ଷରୁ ଜଳ ବୋର୍ଡ ଅଫିସ ଆଗରେ ଜୋରଦାର ବିକ୍ଷୋଭ କରାଯାଇଛି।



ସେମାନେ ପାଣି ପାଇଁ ଆନ୍ଦୋଳନ କରୁଥିବା ବେଳେ ଦିଲ୍ଲୀ ପୁଲିସ୍ ? ସେମାନଙ୍କୁ ପାଣି ମାଡ଼ କରି ଘଟଣାସ୍ଥଳରୁ ଘଉଡ଼ାଇବାକୁ ଚେଷ୍ଟା କରିଛି। ଏହାର ଦୃଶ୍ୟ ମଧ୍ୟ ଭାଇରାଲ ହେଉଛି। ଗୋଟିଏ ପଟେ ପାଣି ମିଳୁ ନଥିବା ବେଳେ ବିକ୍ଷୋଭକାରୀଙ୍କୁ ପୁଲିସ୍ ପାଣି ମାଡ଼ କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ବିକ୍ଷୋଭକାରୀଙ୍କ ଉପରକୁ ପାଣି ମାଡ଼ କରିବା ଅପେକ୍ଷା ପୁଲିସ୍ ଲୋକଙ୍କୁ ସେହି ପାଣି ଯୋଗାଇ ଦେଇଥିଲେ ଭଲ ହୋଇଥାଆନ୍ତା ବୋଲି ଅନେକ ମତ ରଖିଛନ୍ତି।ହରିୟାଣା ସରକାର ଠିକ ଭାବେ ଦିଲ୍ଲୀକୁ ପାଣି ଛାଡୁ ନଥିବାରୁ ଜଳ ସଙ୍କଟ ସ୍ଥିତି ଦେଖାଯାଇଥିବା ଆପ୍ ଅଭିଯୋଗ କରିଛି।

## କିସ୍ ଜଙ୍ଗଲ ଜମି କିସମ ପରିବର୍ତ୍ତନରେ ନୂଆମୋଡ଼

# ପ୍ରକ୍ରିୟା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଲେ କେନ୍ଦ୍ର ସରକାର

ଭୁବନେଶ୍ୱର : ବିଜେଡିର ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍ସ(କିସ୍)କୁ ଜଙ୍ଗଲ ଜମି ଆବଂଟନ ମାମଲାରେ ନୂଆମୋଡ଼ ଆସିଛି । ଚନ୍ଦକା ବନ୍ୟଜନ୍ତୁ ଡିଭିଜନ ଅଧୀନରେ ଥିବା ୪.୦୩୨ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ପଷ୍ଟୀକରଣ ନମିଳିବା ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନନେବାକୁ ଜୁନ୍ ୨୧ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି ।


କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଜୁନ୍ ୨୧ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରି କହିଛନ୍ତି ଯେ, କିସ୍ ସପକ୍ଷରେ ୪.୦୩୨ ହେକ୍ଟର ରାଜସ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟା ଜିଲ୍ଲାପାଳ ଆରମ୍ଭ କରିଥିଲେ । ତେଣୁ ଆଦିବାସୀ ମନ୍ତ୍ରଣାଳୟକୁ ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ନମିଳିବା ଓ ଆନୁଷ୍ଠାନିକ ଅନୁମୋଦନ ଦିଆନଯିବା ପର୍ଯ୍ୟନ୍ତ ସେହି କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ମନ୍ତ୍ରଣାଳୟ



ମଧ୍ୟ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ର ଭାବେ ସ୍ପଷ୍ଟୀକରଣ ମାଗିଛି । ମୁଖ୍ୟ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଛନ୍ତି । କିସ୍ ଜଙ୍ଗଲ ଜମି କିସମ ପରିବର୍ତ୍ତନକୁ ନେଇ ମିଳିଥିବା ଅଭିଯୋଗ ଆଧାରରେ ମନ୍ତ୍ରୀ ଶ୍ରୀ ଓରାମ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନର କିଛିଦିନ ପୂର୍ବରୁ କିସ୍ ଦଖଲରେ ଥିବା ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ମନ୍ତ୍ରଣାଳୟରୁ ଅନୁମୋଦନ ମିଳିଥିବା ନେଇ କିସ୍ ପକ୍ଷରୁ ଗଣମାଧ୍ୟମରେ ବିଜ୍ଞାପନ ଜାରି ହୋଇଥିଲା । କିସ୍ ବେଆଇନ ଭାବେ ଜଙ୍ଗଲ ଜମିକୁ ଦଖଲରେ ରଖିଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା ।

## ଲାଞ୍ଚ ନେଇ ଧରାପଡ଼ିଲେ ଆରଆଇ, ଏଆରଆଇ

ସୁବର୍ଣ୍ଣପୁର : ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବୀରମହାରାଜପୁର ଖଣ୍ଡହତାର ଆ ?ଆଇ ରାଜେନ୍ଦ୍ର ମିଶ୍ର ଏବଂ ଏଆ ?ଆଇ ପଞ୍ଚାନନ




ଡାଙ୍ଗ। ଏକ ତଦନ୍ତ ରିପୋର୍ଟ ଦେବାପାଇଁ ଜଣେ ବ୍ୟକ୍ତିଙ୍କୁ ଆ ?ଆଇ ରାଜେନ୍ଦ୍ର, ଏଆ ?ଆଇ ପଞ୍ଚାନନ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଭିଜିଲାନ୍ସ ଅଧିକାରୀଙ୍କୁ ଜଣାଇଥିଲେ। ଯୋଜନା ମୁତାବକ, ଶୁକ୍ରବାର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ? ମାଡ଼ି ବସିଥିଲେ। ଭିଜିଲାନ୍ସ ଅଧିକାରୀ ୫ ହଜାର ଟଙ୍କା ଜବତ କରିବା ସହ ଦୁଇ ଅଧିକାରୀଙ୍କୁ ଧରି ପଚରାଉଚୁରା କରୁଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

## ମା' ତାରିଣୀ ପୀଠ ଲାଗି

# ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଘଟଗାଁ: ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆଜି ପ୍ରଥମ ଥର ପାଇଁ ନିଜ ଜନ୍ମମାଟି କେନ୍ଦୁଝର ଗସ୍ତ କରିଛନ୍ତି ମୋହନ ଚରଣ ମାଝୀ। ଏହି କ୍ରମରେ ପ୍ରଥମେ ସେ ମା' ତାରିଣୀ ପୀଠକୁ ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ମନ୍ଦିର ପୂଜକଙ୍କ ସହ ଆଲୋଚନା କରିଥିଲେ। ମା' ତାରିଣୀଙ୍କ ପୀଠ ଯେପରି ସାରା ଦେଶରେ ବ୍ୟାପକ ହୋଇପାରିବ, ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳୀ ହୋଇପାରିବ, ସେଥିପାଇଁ ଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ତାରିଣୀ ପୀଠର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ଅପିଲ କରିବେ। ଏବେ ପୀଠର ବିକାଶ ପାଇଁ ୫୦ କୋଟି ଟଙ୍କା ବିନିମୟରେ କାମ ଚାଲିଛି। ଏହାକୁ ପରିପୂର୍ଣ୍ଣ କରିବାକୁ ଅଧିକ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି





ମୁଖ୍ୟମନ୍ତ୍ରୀ। ପୀଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ୧୦୦ କୋଟିର ଏହି ବଜେଟକୁ ଯଥାଶୀଘ୍ର ଶେଷ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମିନି ଷ୍ଟାଡିଅମରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ପ୍ରୋଟୋକଲ ଅନୁଯାୟୀ ଗାର୍ଡ ଅଫ ଅର୍ନର ଦିଆଯିବା ପରେ ଦଳୀୟ କର୍ମୀ ପାଛୋଟି ନେଇଥିଲେ ସେଠାରେ ପ୍ରାୟ ୨୦ ହଜାର ଦର୍ଶକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ଏକ ମୋଟର ସାଇକେଲ ରାଲିରେ ମନ୍ଦିର ଅଭିମୁଖେ ଯାଇଥିଲେ। ବାଟରେ ଆଦିବାସୀ ନୃତ୍ୟ ଗୀତନାଚରେ ରାସ୍ତା ପ୍ରକମ୍ପିତ ହୋଇଥିଲା। ମନ୍ଦିରରେ ଦିନ ୧୨ଟାରେ ପହଞ୍ଚିବା ପରେ ପୂଜକ ପ୍ରଦୀପ ଦେହୁରୀ, ରବୀନ୍ଦ୍ର ଦେହୁରୀ, ଯଯାତି ଦେହୁରୀ ଓ ଶ୍ୟାମସୁନ୍ଦର ଦେହୁରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମ, ଗୋତ୍ରରେ ନଡ଼ିଆ ଭୋଗ ଲାଗିକରିଥିଲେ। ତାଙ୍କ ସହ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ଓ ତେଲକୋଇ ବିଧାୟକ ଫକୀର ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂ ପା ଦ କୀ ୟ

# ବଢୁଛି ରେଳ ଦୁର୍ଘଟଣା

ଭାରତୀୟ ରେଳବାଇର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଲାଗିଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ନିକଟ ରଙ୍ଗପାଣି ଷ୍ଟେସନରେ ସୋମବାର ସକାଳେ ଆଉ ଏକ ରେଳ ଦୁର୍ଘଟଣାରେ ନଅଜଣଙ୍କର ମୃତ୍ୟୁ ଘଟିଛି ଏବଂ ୪୧ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆମ ରେଳବାଇ ହାତରେ 'କବଚ' ସୁରକ୍ଷା ପ୍ରଯୁକ୍ତିବିଦ୍ୟା ଥାଉ ଥାଉ ପୁଣି ଥରେ ଗୋଟିଏ ବିରାଟ ରେଳ ଦୁର୍ଘଟଣା ଘଟିଥିବାରୁ ଆମର ରେଳ ସୁରକ୍ଷା ଯୋଜନା ନୀତିର କାର୍ଯ୍ୟାନ୍ୱୟନରେ ଅବହେଳା ପୁଣି ଥରେ ଏଭଳି ଏକ ଜାତୀୟ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ଆଉ କେତେ ଦଶନ୍ଧି ଗଲେ ଅନ୍ତତଃ ଦେଶର ମୁଖ୍ୟ ରେଳମାର୍ଗ ଗୁଡ଼ିକ 'କବଚ' ସୁରକ୍ଷା ଯୋଜନାରେ ସାମିଲ ହେବ ? ପ୍ରତ୍ୟେକଟି ଦୁଃଖଦ ଘଟଣା ଘଟିସାରିବା ପରେ ଆମେ ଦେଶବାସୀ କ'ଣ ଏମିତି କାନ୍ଦୁଥିବା ଆଉ 'କବଚ' ଯୋଜନା ଲାଗୁ କରିବା ପାଇଁ ପ୍ରାର୍ଥନା କରୁଥିବା ପ୍ରାୟ ବର୍ଷକ ତଳେ ଜୁନ୍ ୨ ତାରିଖରେ ଓଡ଼ିଶାର ବାହାନଗା ନିକଟରେ ଘଟିଥିବା ଟ୍ରେନ୍ ମର୍ମନ୍ତୁଦ ଦୁର୍ଘଟଣା ଭଳି ଦାର୍ଜିଲିଂ ଦୁର୍ଘଟଣା ପ୍ରାୟ ଏକପ୍ରକାର ଘଟିଛି। ଉତର-ପୂର୍ବାଂଚଳରୁ ସିଆଲଦା ଯାଉଥିବା କାଂଚନଜଙ୍ଘା ଏକ୍ସପ୍ରେସ୍ ଏକ ଛୋଟ ଷ୍ଟେସନରେ ଛିଡ଼ା ହୋଇଥିବା ବେଳେ ପଛରୁ ଏକ ମାଲଗାଡ଼ି ଆସି ଏହାକୁ ଧକ୍କା ଦେଇଥିଲା। ତେବେ ବାହାନଗା ଦୁର୍ଘଟଣାରେ ଦୁଇଟି ଏକ୍ସପ୍ରେସ ଓ ଗୋଟିଏ ମାଲଗାଡ଼ି ସମ୍ପୃକ୍ତ ଥିଲେ ଏବଂ ମୃତ୍ୟୁସଂଖ୍ୟା ଥିଲା ସରକାରୀ ଭାବେ ୨୯୬। ବର୍ଷକ ମଧ୍ୟରେ ୧୨ରୁ ଅଧିକ ମୃତଦେହ ଚିହ୍ନଟ ନ ହେବାରୁ କର୍ତ୍ତୃପକ୍ଷ ନିୟମ ମୁତାବକ ସେସବୁର ନିକଟରେ ଅନ୍ତିମ ସଂସ୍କାର କରାଇଥିଲେ। ବାହାନଗାରେ ସିଗ୍ନାଲ ଓ ମାନବୀୟ ଉଭୟ ତ୍ରୁଟି ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ଏହାର ବାସ୍ତବ କାରଣ ନିର୍ଦ୍ଧାରଣ ଏ ଯାଏଁ କରାଯାଇ ପାରିନାହିଁ ଏବଂ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ପ୍ରାୟ ସେହି ଢଙ୍ଗରେ କାଞ୍ଚନଜଙ୍ଘା ଏକ୍ସପ୍ରେସ୍ ଦୁର୍ଘଟଣା ଘଟିଛି। ସମ୍ପୃକ୍ତ ଷ୍ଟେସନରେ ଥିବା ସ୍ୱୟଂକ୍ରିୟ ସିଗ୍ନାଲ ବ୍ୟବସ୍ଥା ଅଚଳ ଥିବାରୁ ପିଏଲ୍‌ସିଟି ବ୍ୟବସ୍ଥା ପ୍ରବର୍ତନ କରାଯାଇଥିଲା। ପିଏଲ୍‌ସିଟି ଅର୍ଥ ପେପରଲାଇନ୍ କ୍ଲିୟର ଟିକେଟ୍। ଏହି ବ୍ୟବସ୍ଥାରେ ଗୋଟିଏ ଟ୍ରେନ୍‌କୁ ସିଗ୍ନାଲ ଅତିକ୍ରମ କରିବା ପୂର୍ବରୁ ଏକ ମିନିଟ୍ ଅଟକିବା ସହିତ ସର୍ବାଧିକ ଘଂଟାପ୍ରତି ୧୫ କିମି ବେଗରେ ଆଗକୁ ଗତି କରିବାକୁ ପଡ଼ିଥାଏ। ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କହିବା ଅନୁସାରେ କାଂଚନଜଙ୍ଘା ଏକ୍ସପ୍ରେସ ସେହି ଷ୍ଟେସନରେ ଅଟକିବା ସହିତ ଧୀର ଗତିରେ ଯାତ୍ରା ଆରମ୍ଭ କରୁଥିବା ବେଳେ ଏକ ମାଲଗାଡ଼ି ସିଗ୍ନାଲ ନିର୍ଦ୍ଦେଶ ନ ମାନି ପଛରୁ ଖୁବ୍ ଜୋରରେ ତାହାକୁ ଧକ୍କା ଦେଇଥିଲା। ଫଳରେ ମାଲଗାଡ଼ିର ଲୋକୋପାଇଲଟ ଓ ସହାୟକ ପାଇଲଟଙ୍କ ସମେତ ଏକ୍ସପ୍ରେସର ଗାର୍ଡ ଓ ଅନ୍ୟ ଛ'ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା। ଗୋଟିଏ ଟ୍ରାକ୍‌ରେ ଟ୍ରେନ୍ ମଧ୍ୟରେ ଧକ୍କା ହେଲେ ଭୟଙ୍କର କ୍ଷତି ଘଟିଥାଏ ଏବଂ ମୃତାହତଙ୍କ ସଂଖ୍ୟା ଅଧିକ ହୁଏ। ଏଥର ଦୁଇ ଟ୍ରେନ୍ ଗୋଟିଏ ଦିଗରେ ଗତି କରୁଥିବାରୁ ଏବଂ ବେଗ କମ୍ ଥିବାରୁ ମୃତାହତଙ୍କ ସଂଖ୍ୟା ଓ କ୍ଷୟକ୍ଷତି ସେତେ ଅଧିକ ହୋଇନାହିଁ। ମାଲଗାଡ଼ିର ଅନ୍ୟ ଜଣେ ଲୋକୋପାଇଲଟ ଗୁରୁତର ଭାବେ ଆହତ ହୋଇଛନ୍ତି। ସେ ସୁସ୍ଥ ହେଲେ ବାସ୍ତବ ଘଟଣା କ'ଣ ହୁଏତ କହିପାରନ୍ତି। ଆକାର ଅନୁସାରେ ଭାରତୀୟ ରେଳବାଇ ବିଶ୍ୱର ଚତୁର୍ଥ ବୃହତ୍ ରେଳ ବ୍ୟବସ୍ଥା। ୧୮୬ ବର୍ଷର ପୁରୁଣା ଏହି ରେଳସେବା ଭାରତର ଜାତୀୟ ଯାତ୍ରୀବାହକ ଏବଂ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ। ସତରଟି କାର୍ଯ୍ୟକ୍ଷମ ଓ ଗୋଟିଏ ଅଣକାର୍ଯ୍ୟକ୍ଷମ ରେଳ ଡିଭିଜନକୁ ନେଇ ଗଠିତ ଭାରତୀୟ ରେଳବାଇ ଦୈନିକ ୧୪ ହଜାରରୁ ଅଧିକ ଯାତ୍ରୀଗାଡ଼ି ଓ ୯୦୦୦ରୁ ବେଶି ମାଲଗାଡ଼ି ଚଳାଚଳ କରିଥାଏ। ଏ ସବୁ ଟ୍ରେନ୍ ଦେଶର ୭୩୦୮ ଷ୍ଟେସନ ଦେଇ ଚଳାଚଳ କରିଥା'ନ୍ତି। ଭାରତୀୟ ରେଳବାଇରେ ୧୨,୧୨,୮୮୨ କର୍ମଚାରୀ ନିଯୁକ୍ତ ଏବଂ ଏହା ସେନା ପରେ ଦ୍ୱିତୀୟ ସର୍ବାଧିକ ଲୋକଙ୍କୁ କର୍ମ ନିଯୁକ୍ତି ଦେଇଥାଏ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ରେଳ ଦୁର୍ଘଟଣା ରୋକିବା ପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ଟେକ୍‌ନୋଲଜିର ପରୀକ୍ଷଣ ଓ ପ୍ରଚଳନକୁ ଅଗ୍ରାଧିକାର ଦିଆଯିବା ଉଚିତ। ଭାରତୀୟ ରେଳବାଇରେ 'କବଚ' ସୁରକ୍ଷା ବ୍ୟବସ୍ଥା ବହୁବର୍ଷ ଧରି ପହଂଚିସାରିଛି। ଏହି ସୁରକ୍ଷା ବ୍ୟବସ୍ଥାକୁ ଭାରତୀୟ ରେଳର ମୁଖ୍ୟ ମାର୍ଗଗୁଡ଼ିକରେ ଏ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନ କରାଇପାରିବା ଆଦୌ ସ୍ପୃହଣୀୟ ନୁହେଁ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଶିକ୍ଷାଦାନର ପରିବେଶ

**ସୁବ୍ରତ ଦାସ**

ଦିନଥିଲା ମୁଣ୍ଡୁଳାରୁ ଆରମ୍ଭ ହେଇଥିଲା ପ୍ରଥମ ଶିକ୍ଷା। ମାଟି ସିଲଟ ଖଣ୍ଡିକ ଆଦ୍ୟ ଶିକ୍ଷାର ଜନ୍ମଦାତା ଥିଲା। 'ଓମ୍' କାରରୁ ଆରମ୍ଭ ହେଉ ଥିଲା ଶିଶୁର ପ୍ରଥମ ଶିକ୍ଷା। ସୁନ୍ଦର ହସ୍ତାକ୍ଷର, ମିଶାଣ, ଫେଡ଼ାଣ, ଗୁଣନ, ହରଣ ଭଳି ଫଳା ଗଣନା, ପଣକିଆ, ବର୍ଣ୍ଣମାଳା, ବିବିଧ ଯୁକ୍ତାକ୍ଷର ଇତ୍ୟାଦି ସେଇ ଆଦ୍ୟ ସିଲଟରୁ ସୃଷ୍ଟି ହେଉଥିଲା। ସେହି ମାଟି ସ୍ଲେଟରେ ପୋଛି ମାଟି ଖଡ଼ିରେ ବା ଚକ୍ ଖଡ଼ିରେ ଏବଂ ବିଭିନ୍ନ ରଙ୍ଗୀନ ଖଡ଼ିରେ ଓଦା କପଡ଼ାରେ ପୋଛି ଗୀତରେ 'ନଈ ପାଣି ନଇକି ଯା, ମୋ ସିଲଟ ସୁଖି ଯା...' କହି ଶିକ୍ଷା ପ୍ରାପ୍ତ ହେଉଥିଲା। ସେହି ସ୍ଲେଟରେ ଶ୍ରୁତଲିଖନ ଓ ଚିତ୍ରାଙ୍କନ ଅଭ୍ୟାସ ଜାରି ରହିଥିଲା। ପଣିକିଆ ଥିଲା ମାଟି ସିଲଟର ଆଦ୍ୟ ପାଠଶାଳା। ପାଠଶାଳା ହେଉ ଅବା



ଚାଟଶାଳୀ, ସ୍କୁଲ ହେଉ ବା ଅଙ୍ଗନୱାଡ଼ି, ସବୁଠି ଆଦର ଥିଲା ମାଟି ସିଲଟର ଚାହିଦା। ଶିଶୁ ପାଇଁ ମାଟି ସ୍ଲେଟ୍ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା। ସମୟ ବଦଳି ଗଲାଣି। ଶିକ୍ଷାର ମାନ ବୃଦ୍ଧି ପାଇଲାଣି। ଉନ୍ନତ ମାନର ଶିକ୍ଷା ସହ ଶିକ୍ଷଣ ଶୈଳୀ, ଶିକ୍ଷା ପଦ୍ଧତି ବିକଶିତ ହେଲାଣି। ସେଥିପାଇଁ ଆଜିର ଶିକ୍ଷାକୁ 'ସ୍ମାର୍ଟଶିକ୍ଷା' କୁହାଯାଉଛି। ପିଲାମାନେ ମଧ୍ୟ ଆଧୁନିକତା ସହିତ ସୁନ୍ଦର ସୁନ୍ଦର ଡିଜିଟାଲ ଶୈଳୀରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପାଶ୍ଚାତ୍ୟ ଦେଶମାନଙ୍କରେ ଡିଜିଟାଲ ପାଠ ପଢ଼ାକୁ ଲକ୍ଷ୍ୟ କରି ଭାରତରେ ଏବେକାର ବଡ଼ବଡ଼ ଇଂରାଜୀ ମିଡିୟମ୍ ସ୍କୁଲଗୁଡ଼ିକରେ ଅତ୍ୟାଧୁନିକ କମ୍ପ୍ୟୁଟର ଜରିଆରେ ଶିକ୍ଷାଦାନ ହେଉଛି। ଶିଶୁର ମନୋଭାବକୁ ଲକ୍ଷ୍ୟ କରି ଗୀତ, ନାଚ, ଦୃଶ୍ୟ, ଚିତ୍ର, କାର୍ଟୁନ୍ ଭଳି ରଙ୍ଗୀନ ପରଦା ସାହାଯ୍ୟରେ ଶିକ୍ଷାଦାନ ମଧ୍ୟ ଆରମ୍ଭ ହୋଇଛି। ଶିଶୁର ମସ୍ତିଷ୍କ ବିକଶିତ ହେବା ପୂର୍ବରୁ ସେ ଖୁବ୍ ସହଜରେ ଦେଖି ଶିଖି ବୁଝିପାରୁଛି। ସହଜ ସରଳ ଟାସ୍କ ମାଧ୍ୟମରେ ଶିଶୁର ପାଠପଢ଼ା ଜାରି ରହୁଛି। ସେଥିପାଇଁ ବହୁ ଅର୍ଥ ମଧ୍ୟ ବ୍ୟୟ ହେଉଛି।

ଆଜିକାଲି ଶିଶୁମାନେ ମୋବାଇଲକୁ ଖୁବ୍ ବ୍ୟବହାର କରୁଛନ୍ତି। କ୍ଷୁଦ୍ର ଓ କୋମଳ ମସ୍ତିଷ୍କରେ ଅନାୟସରେ ବହୁ ଯାନ୍ତ୍ରିକ କୌଶଳ, ଶିକ୍ଷା, ପ୍ରୟୋଗାତ୍ମକ ଶିକ୍ଷା ମୋବାଇଲ ଫୋନ୍ ଜରିଆରେ ଶିଶୁମାନେ ଆୟତ କରିପାରୁଛନ୍ତି।

ଅଧୁନା ବୟସ୍କଙ୍କ ମଧ୍ୟରେ ଯେଉଁ ବୁଦ୍ଧି ଜ୍ଞାନକୌଶଳର ଅଭାବ ଅଛି, ଗୋଟିଏ କୋମଳ ମତି ଶିଶୁ ପାଖରେ ତାହା ନିହିତ ଅଛି। ଆଜିକାଲିର ଶିଶୁମାନେ ଜ୍ଞାନୀ ଓ ଆଗ୍ରହୀ। ବର୍ତମାନ ସମୟରେ ଗୋଟିଏ ଶିଶୁକୁ ପାଠ ପଢ଼େଇବାକୁ ଯେତିକି ଇଚ୍ଛା ହେଉଛି ସେତିକି ଅର୍ଥ ବାଧକ ସାଜୁଛି। ସାଧାରଣ ପରିବାରର ଶିଶୁଟିଏକୁ ବିଦ୍ୟାଳୟମୁଖୀ କରିବାକୁ ହେଲେ ଛଅ ବର୍ଷ ଆବଶ୍ୟକ ହୋଇଥାଏ। ମାତ୍ର ସେହି ସମୟ ମଧ୍ୟରେ ସେ ଅନେକ ଶିକ୍ଷା ଗ୍ରହଣ କରିଥାଏ, ତାହା ପିତା ମାତାଙ୍କ ପାଖରୁ ହେଉ ଅବା ପରିବାରରୁ ଅବା ସାମାଜିକ ଗୋଷ୍ଠୀରୁ ହେଉ। କେଉଁଠି ଶିଶୁକୁ ପାଠ ପଢ଼ାଇବା, କେଉଁଠି ଉଚିତ୍ ଶିକ୍ଷା ମିଳି ପାରିବ, ସରକାରୀ ବିଦ୍ୟାଳୟ ନା ବେ-ସରକାରୀ ବିଦ୍ୟାଳୟ ତାହା ବର୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତ୍ୟେକ ପିତାମାତା ଶିଶୁର ଭବିଷ୍ୟତକୁ ଲକ୍ଷ୍ୟକରି ସୁନ୍ଦର ବିଦ୍ୟାଳୟ, ସୁନ୍ଦର ପରିବେଶ, ଉତମ ଶିକ୍ଷାଦାନ, ଉତମ ସଂସ୍କାର ପାଇଁ କ'ଣ ଯଥାର୍ଥ, ତାହା ପିତାମାତା ନିର୍ଣ୍ଣୟ କରିବା ପାଇଁ ଦ୍ୱନ୍ଦ୍ୱରେ ପଡୁଛନ୍ତି। ବଛା ବଛା ବିଦ୍ୟାଳୟ, ଗାଆଁ ଗଣ୍ଡାଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ସଦର ମହକୁମା ଯାଏଁ କିଏ ପିଲାମାନଙ୍କୁ ନିଜ ଅନୁଷ୍ଠାନକୁ ଆଣିବାକୁ ଚେଷ୍ଟିତ ତ କିଏ ନିଜ ଅନୁଷ୍ଠାନ ନାମ, ପରିଚୟ ଯଶ ପ୍ରସିଦ୍ଧି ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରି ଅଭିଭାବକଙ୍କୁ ଆକୃଷ୍ଟ କରୁଛନ୍ତି।

ବେସରକାରୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ବିଭିନ୍ନ ଉନ୍ନତ ଶୈଳୀରେ ପାଠ ପଢ଼େଇବା, କ୍ୟାରିଅର କାଉନସେଲିଂ, ଭବିଷ୍ୟତରେ ଚାକିରି ପାଇଁ ସୁଯୋଗ, ନିଯୁକ୍ତି ସାକ୍ଷାତାକାର ପରୀକ୍ଷାମାନଙ୍କରେ ସଫଳତା ପାଇଁ ପିଲାମାନଙ୍କୁ ସହଜ ହେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପାରଙ୍ଗମ ଥିବା ରୁଚିରେ ଆଗକୁ ବଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିବାରେ ଅଭିଭାବକଙ୍କୁ ପ୍ରଲୋଭିତ କରନ୍ତି। ଅଭିଭାବକମାନେ ମଧ୍ୟ ପିଲାଙ୍କୁ ଉତମ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରିବା ସହ ଉତମ ଆଚାର, ବ୍ୟବହାର, ସଂସ୍କାର, ଭକ୍ତି, ଆଧ୍ୟାତ୍ମିକଭାବନା ପରିବେଶରେ ଶିକ୍ଷା ଗ୍ରହଣ କରିବା ପାଇଁ ବିଭିନ୍ନ ଶିକ୍ଷା କେନ୍ଦ୍ର, ଆବାସିକ ବିଦ୍ୟାଳୟ, ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ଶିକ୍ଷାକେନ୍ଦ୍ରମାନଙ୍କ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ସରକାରୀ ବିଦ୍ୟାଳୟରେ ନିଯୁକ୍ତ ଥିବା ଉତମ ଗୁଣବତାଯୁକ୍ତ ଶିକ୍ଷକ, ଉତମ ଶୈକ୍ଷିକ ପରିବେଶ ସହ ଅଧୁନା ଆଧୁନିକ ଶୈଳୀରେ ପାଠ ପଢ଼ିବା ପାଇଁ ଅଭିଭାବକମାନେ ପିଲାମାନଙ୍କୁ ପଠାଉଛନ୍ତି। ଆଉ କେତେକ ଅଭିଭାବକ ବିଦ୍ୟାଳୟର ଉତମ ଫଳାଫଳ, କୃତୀ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱକୁ ଲକ୍ଷ୍ୟ କରି ସେହି ନିର୍ଦ୍ଦିଷ୍ଟ ବିଦ୍ୟାଳୟକୁ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ମନ ବଳାଉଛନ୍ତି। ମାତ୍ର ଶିକ୍ଷାର ବିଭିନ୍ନ ଢଙ୍ଗ, ବିଭିନ୍ନ ଶୈଳୀ, ବିଭିନ୍ନ ମାଧ୍ୟମକୁ ପ୍ରଚାର ପ୍ରସାର କରି ବ୍ୟବସାୟକରଣ କରି କେତେକ ଅନୁଷ୍ଠାନ ଖୁବ୍ ଲାଭ ପାଉଛନ୍ତି। ସେଥିପାଇଁ ବହୁ ଆଗ୍ରହୀ ଅଭିଭାବକ ଅର୍ଥର କାରଣ ସକାଶେ ପିଲାମାନଙ୍କର ଇଚ୍ଛାଶକ୍ତିକୁ ମାରି ବଡ଼ ବଡ଼ ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସାଧାରଣ ଘରର ପିଲାଟିଏ କିଂକର୍ତବ୍ୟମୂଢ଼ ହୋଇ ବାଧ୍ୟ ହୋଇ ଗାଁ, ଘର ପାଖ ଅଙ୍ଗନୱାଡ଼ି କେନ୍ଦ୍ର, ସରକାରୀ ବିଦ୍ୟାଳୟକୁ ପ୍ରଥମତଃ ପ୍ରେରଣ କରୁଛନ୍ତି। ମାତ୍ର ଧନିକ ଶ୍ରେଣୀର ବ୍ୟକ୍ତି ଏହିସବୁ ଅନୁଷ୍ଠାନ ପ୍ରତି ବିମୁଖ। ନିଜର ପିଲାମାନଙ୍କୁ ଆବାସିକ ବିଦ୍ୟାଳୟ, ଘରେଇ ବିଦ୍ୟାଳୟ, ବୋର୍ଡିଂ ସ୍କୁଲ, ଇଂରାଜୀ ମିଡିୟମରେ ପାଠ ପଢ଼େଇ ବାକୁ ଶ୍ରେୟସ୍କର ମନେ କରୁଛନ୍ତି। କାହିଁକି ଛତୁ ଫୁଟିଲା ପରି ବିଦ୍ୟାଳୟ ଖୋଲାଯିବା ସତ୍ୱେ ଅଭିଭାବକମାନେ ଚିନ୍ତାରେ ପଡ଼ନ୍ତି, କେଉଁଠି ଗୋଟିଏ ଶିଶୁ ପାଇଁ ପ୍ରକୃତ ଅନୁଷ୍ଠାନ, କେଉଁଠି ଶିଶୁଟି ଉଚିତ୍ ଶିକ୍ଷାଦାନ ପାଇ ପାରିବ ବା କେଉଁ ପରିବେଶଟି ଶିଶୁ ପାଇଁ ଅନୁକୂଳ ହୋଇ ଉଚିତ୍ ଶିକ୍ଷା ପାଇପାରିବ, ସେଥିପାଇଁ ବହୁ ସମୟରେ ଦ୍ୱନ୍ଦ୍ୱରେ ପଡ଼ିବା ସହ ଖୋଜି ବୁଲନ୍ତି ଭଲ ସ୍କୁଲ ଟି କେଉଁଠି।

ପ୍ରଥମତଃ, ଯେଉଁ ଅନୁଷ୍ଠାନ ଶିକ୍ଷାନୁଷ୍ଠାନ ହେଉନା କାହିଁ କି ଶିଶୁ ପାଇଁ ଶିଶୁ ମୈତ୍ରୀ ଅନୁକୂଳ ପରିବେଶ ହେବା ଉଚିତ୍। ଯେଉଁଠି ଶିଶୁଟି ଉକ୍ତ ପରିବେଶକୁ ନିଜ ମନ, ଆବେଗ, ଭଲ ପାଇବା ସହ କିଛି ଶିକ୍ଷା ପାଇବା ପାଇଁ ଆଗ୍ରହ ପ୍ରକାଶ କରିବ। ଶିଶୁକୁ ସୁହାଇବା ଭଳି ପରିବେଶ ବିଦ୍ୟାଳୟରେ ଥିବା ଉଚିତ୍। ଶିଶୁ ନିଜ ଅଭିଭାବକ, ପରେ ପରେ ବିଦ୍ୟାଳୟକୁ ଆପଣାର ଭାବିବା ସହ ଶିକ୍ଷା ଗ୍ରହଣ କରିବାରେ ସମୟ ଅତିବାହିତ କରିବାକୁ ଯେପରି ଦ୍ୱିଧା ମନେ ନ କରିବ, ସେଥିପ୍ରତି ପ୍ରତ୍ୟେକ ଅନୁଷ୍ଠାନର ମୁଖ୍ୟ ଦୃଷ୍ଟି ରଖିବା ଉଚିତ୍। ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀ ଶିଶୁମାନଙ୍କୁ ଯଥୋଚିତ ସ୍ନେହ, ମମତା ଦେବା ସହିତ ଆପଣାର ମନେ କରି ଉତମ ସଂସ୍କାର ସହ ସୁନ୍ଦର ବାତାବରଣ ଶିଶୁର ମନରେ ଉଦ୍ରେକ କରି ଶିକ୍ଷାଦାନ କରିବାର ଶୈଳୀ, କୌଶଳ ସୃଷ୍ଟି କରିବା ଉଚିତ୍। ତେବେ ଯାଇ ଶିକ୍ଷାର ଉଚିତ୍ ମାନଦଣ୍ଡ ପ୍ରସ୍ତୁତି ହୋଇପାରିବ ଏବଂ ଶିକ୍ଷାର ମାନ ନିର୍ଣ୍ଣୟ ହୋଇ ପାରିବ।

# ବନ୍ୟା ପରିଚାଳନା ପ୍ରସ୍ତୁତି ସମୀକ୍ଷା ପାଇଁ ଉଚ୍ଚସ୍ତରୀୟ ବୈଠକ

# ବନ୍ୟା ନିରୀକ୍ଷଣ କେନ୍ଦ୍ର ଗୁଡ଼ିକ ଆମର ଆବଶ୍ୟକତା ଏବଂ ଅନ୍ତର୍ଜାତୀୟ ମାନର ହେବା ଉଚିତ: ଶାହ




ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ବନ୍ୟା ପରିଚାଳନା ପ୍ରସ୍ତୁତି ର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଦେଶରେ ବନ୍ୟା ବିପଦର ମୁକାବିଲା ପାଇଁ ଏକ ବ୍ୟାପକ ଏବଂ ସୁଦୂରପ୍ରସାରୀ ନୀତି ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦୀ ପଦକ୍ଷେପର ମଧ୍ୟ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି। ଏହି ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଗତବର୍ଷ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଗ୍ରହଣ କରାଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ଏହା ସହ ବନ୍ୟା ପରିଚାଳନା ପାଇଁ ସମସ୍ତ ଏଜେନ୍ସି ଦ୍ୱାରା ଗ୍ରହଣ କରାଯାଉଥିବା ନୂତନ ଜ୍ଞାନକୌଶଳ ଏବଂ ସେମାନଙ୍କ ନେଟୱାର୍କର ସମ୍ପ୍ରସାରଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଶ୍ରୀ ଶାହ ବରଫଖଣ୍ଡ ତରଳିବା ଜନିତ ବନ୍ୟା (ଜିଏଲଓଏଫ)ର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଦ୍ୱାରା ବନ୍ୟା ଓ ଜଳ ପରିଚାଳନା ପାଇଁ ବିଭିନ୍ନ ଏଜେନ୍ସି ଦ୍ୱାରା ପ୍ରଦାନ କରାଯାଇଥିବା ଉପଗ୍ରହ ଚିତ୍ରର ସର୍ବୋତ୍ତମ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ବିପର୍ଯ୍ୟୟ ପରିଚାଳନା 'ଜିରୋ କାଜୁଆଲିଟି ଆଭିମୁଖ୍ୟ' ସହିତ ଆଗେଇ ଚାଲିଛି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି। ବନ୍ୟା ପରିଚାଳନା ପାଇଁ ଏନଡିଏମଏ ଜାରି କରିଥିବା ମାର୍ଗଦର୍ଶିକାକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନିବେଦନ କରିଛନ୍ତି। ବନ୍ୟା ପୂର୍ବାନୁମାନରେ ବ୍ୟବହୃତ ସମସ୍ତ ଉପକରଣର ଆଧୁନିକୀକରଣ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରିବାକୁ ସେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏବଂ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ନିର୍ଦ୍ଦେଶ ଦେଇଛନ୍ତି। ସିକ୍କିମ୍ ଓ ମଣିପୁରରେ ସାମ୍ପ୍ରତିକ ବନ୍ୟା ସମ୍ପର୍କରେ ବିସ୍ତୃତ ଅଧ୍ୟୟନ କରି ଗୃହ ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବାକୁ ଶ୍ରୀ ଶାହ ସଂପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରମୁଖ ଡ୍ୟାମର ବନ୍ୟା ଗେଟ୍ ଗୁଡ଼ିକ ଯେପରି ଭଲ ଅବସ୍ଥାରେ ରହିବ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ସିଡବ୍ଲ୍ୟୁସିର ବନ୍ୟା ନିରୀକ୍ଷଣ କେନ୍ଦ୍ର ଗୁଡ଼ିକ ଆମର ଆବଶ୍ୟକତା ଏବଂ ଅନ୍ତର୍ଜାତୀୟ ମାନର ହେବା ଉଚିତ୍ । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଅସମୟରେ ଜଳ ପ୍ରବାହିତ ହେଉଥିବା ନଦୀଗୁଡ଼ିକରେ ଅଧିକ ମାଟି କ୍ଷୟ ଓ ମାଟି ଖସିବା ଆଶଙ୍କା ରହିଛି, ଯାହା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଉନ୍ନତ ବନ୍ୟା ପରିଚାଳନା ପାଇଁ ନଦୀଗୁଡ଼ିକର ଜଳସ୍ତରର ପୂର୍ବାନୁମାନ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ପ୍ରୟାସ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ ବନ୍ୟା ପରିସ୍ଥିତିରେ ରାସ୍ତା ଜଳମଗ୍ନ ହେବାର ମୁକାବିଲା ପାଇଁ ପ୍ରାକୃତିକ ଡ୍ରେନେଜ୍ ବ୍ୟବସ୍ଥା ରାସ୍ତା ନିର୍ମାଣର ଡିଜାଇନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବା ଉଚିତ୍ । ଶ୍ରୀ ଶାହ କହିଛନ୍ତି ଯେ ଉତ୍ତର-ପୂର୍ବରେ ଅତି କମରେ ୫୦ଟି ବୃହତ ପୋଖରୀ ନିର୍ମାଣ କରାଯିବା ଉଚିତ ଯାହାଦ୍ୱାରା ବ୍ରହ୍ମପୁତ୍ର ନଦୀର ଜଳକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସେହି ପୋଖରୀଗୁଡିକରେ ସଂରକ୍ଷଣ କରାଯାଇପାରିବ । ଏହା ଦ୍ୱାରା ସେହି ଅଞ୍ଚଳରେ କମ୍ ଖର୍ଚ୍ଚରେ କୃଷି, ଜଳସେଚନ ଓ ପର୍ଯ୍ୟଟନର ବିକାଶ ହେବା ସହ ବନ୍ୟା ମୁକାବିଲା ରେ ସହାୟକ ହେବ ଏବଂ ଶେଷରେ ସ୍ଥାନୀୟ ଅର୍ଥନୀତି ଉପକୃତ ହେବ ବୋଲି ସେ କହିଛନ୍ତି। ଶ୍ରୀ ଶାହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ରୋକିବା ପାଇଁ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ନିୟମିତ ଭାବେ ଯେଉଁସବୁ ଅଞ୍ଚଳରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି ତାହାକୁ ଚିହ୍ନଟ କରିବା, ଶୁଖିଲା ପତ୍ର ହଟାଇବା ଏବଂ ସ୍ଥାନୀୟ ବାସିନ୍ଦା ଓ ବନ କର୍ମଚାରୀଙ୍କ ସହ ସମୟ ସମୟରେ ମକ୍ ଡ୍ରିଲ୍ କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହା ସହ ସେହି ସ୍ଥାନରେ ବାରମ୍ବାର ଜଙ୍ଗଲରେ ନିଆଁ ଲାଗିବା ଘଟଣାର ବିଶ୍ଳେଷଣ କରିବାକୁ ମଧ୍ୟ କହିଥିଲେ। ଜଙ୍ଗଲରେ ନିଆଁ ଲାଗିବା ଘଟଣାର ମୁକାବିଲା ପାଇଁ ଏକ ବିସ୍ତୃତ ମାନୁଆଲ ପ୍ରସ୍ତୁତ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଏନଡିଏମଏକୁ କହିଛନ୍ତି। ବଜ୍ରପାତ ସମ୍ପର୍କରେ ଆଇଏମଡିର ସତର୍କ ସୂଚନାକୁ ଏସଏମଏସ, ଟିଭି, ଏଫଏମ ରେଡିଓ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଠିକ୍ ସମୟରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବିଭାଗ ଦ୍ୱାରା ବିକଶିତ ପାଣିପାଗ, ବୃଷ୍ଟିପାତ ଏବଂ ବନ୍ୟା ସତର୍କସୂଚନା ସମ୍ବନ୍ଧୀୟ ଆପସ୍ ?ଗୁଡିକୁ ସମନ୍ୱିତ କରିବା ର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ, ଯାହାଦ୍ୱାରା ଏହାର ସୁଫଳ ନିର୍ଦ୍ଧାରିତ ଲୋକଙ୍କ ପାଖରେ ପହଞ୍ଚିପାରିବ । ଯେହେତୁ ବନ୍ୟା ସମେତ ଯେକୌଣସି ବିପର୍ଯ୍ୟୟ ସମୟରେ ଗୋଷ୍ଠି ହିଁ ପ୍ରଥମ ପ୍ରଭାବିତ ହୋଇଥାନ୍ତି, ତେଣୁ ବିଭିନ୍ନ ଏଜେନ୍ସି ଦ୍ୱାରା ପରିଚାଳିତ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମରେ ସମନ୍ୱୟ ଓ ସମନ୍ୱୟ ରହିବା ଉଚିତ, ଯାହାଦ୍ୱାରା ଏହାର ସର୍ବାଧିକ ପ୍ରଭାବ ପଡ଼ିପାରିବ ବୋଲି ଶ୍ରୀ ଶାହ ନିର୍ଦ୍ଦେଶ ଦେଇଥିଲେ।

## ଏନଟିଏ ସଂସ୍କାର ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କଲା ଶିକ୍ଷା ମନ୍ତ୍ରାଳୟ, ୨ ମାସରେ ଦାଖଲ କରିବ ରିପୋର୍ଟ



ନୂଆଦିଲ୍ଲୀ, : ନିଟ୍ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ମଧ୍ୟରେ ଶିକ୍ଷା ମନ୍ତ୍ରଣାଳୟ ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଛି। ଏହି କମିଟି ପରୀକ୍ଷା ପ୍ରକ୍ରିୟାରେ ଉନ୍ନତି ଆଣିବା, ଡାଟା ସୁରକ୍ଷା ପ୍ରୋଟୋକଲ୍ ଏବଂ ଏନଟିଏ ଢାଞ୍ଚାରେ ଉନ୍ନତି ଆଣିବା ଉପରେ କାର୍ଯ୍ୟ କରିବ। ଏହି କମିଟି ୨ ମାସ ମଧ୍ୟରେ ଶିକ୍ଷା ମନ୍ତ୍ରଣାଳୟକୁ ରିପୋର୍ଟ ପ୍ରଦାନ କରିବ। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେ ରାଧାକ୍ରିଷ୍ଣନ୍ ଏହି ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଏହି ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟ ତାଲିକାରେ ଏମ୍ସର ଜଣାଶୁଣା ପୂର୍ବତନ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ ମଧ୍ୟ ଅଛନ୍ତି। ଏହି କମିଟିରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଜେ ରାଓ, ଆଇଆଇଟି ମାଡ୍ରାସର ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଇମେରିଟାସ୍, ପିପୁଲ ଷ୍ଟ୍ରଙ୍ଗର ସହ ପ୍ରତିଷ୍ଠାତା ତଥା କର୍ମଯୋଗୀ ଭାରତର ବୋର୍ଡ ସଦସ୍ୟ କେ ଇମେରିଟାସ୍, ଆଇଆଇଟି ଦିଲ୍ଲୀର ଛାତ୍ର ବ୍ୟାପାର ଡିନ୍ ପଙ୍କଜ ବଂଶଲ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରଫେସର ଆଦିତ୍ୟ ମିତ୍ତଲ, ଗୋବିନ୍ଦ ଜୟସ୍ୱାଲ ରହିଛନ୍ତି।

## ସରକାରଙ୍କ ବିକାଶ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାନ୍ତୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ୨୦।୬ : ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନ ଠାରେ ସୂଚନା ଓ ଲୋକସଂପର୍କ ବିଭାଗ ର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ଏବଂ ବିଭାଗ ର ଅନ୍ୟ ବରିଷ୍ଠ ଅଧିକାରୀମାନେ ଭେଟି ବିଭାଗୀୟ କାର୍ଯ୍ୟାବଳୀ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଆଲୋଚନାରେ ବିଭାଗରେ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ସମେତ ସାମ୍ବାଦିକଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ପଦକ୍ଷେପ, ବଜେଟ ବ୍ୟବସ୍ଥା, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ କୁ ଅଧିକ ସୁଦୃଢ କରିବା, ସାମାଜିକ ଗଣମାଧ୍ୟମ, ତଥା ଅନ୍ୟାନ୍ୟ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଗୁଡ଼ିକ ଉପରେ ଆଲୋଚନା ହୋଇଥିଲା ।ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିପାଦିତ ହୋଇଥିବା ନୂଆ ସରକାରରେ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଓ କଲ୍ୟାଣକାରୀ ଯୋଜନା ଗୁଡିକ ସଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେବାସହ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୂରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବିର ସିଂ, ଅର୍ଥ ପରାମର୍ଶ ଦାତା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ସୁଭଦ୍ରା ଯୋଜନାରେ ଓଡ଼ିଶାର ସବୁ ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର୍ : ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର, : ସୁଭଦ୍ରା ଯୋଜନାରେ ଓଡ଼ିଶାର ସବୁ ମହିଳାଙ୍କୁ ମିଳିବ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର୍ ଏନେଇ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନା ରାଜ୍ୟ କ୍ୟାବିନେଟ ଅନୁମୋଦନ ଲାଭ କରିବା ପରେ ଏବେ ଡ୍ରାଫ୍ଟିଙ୍ଗ ଷ୍ଟେଜରେ ଅଛି । ଆଗାମୀ ୧୦୦ ଦିନ ମଧ୍ୟରେ ନିଶ୍ଚିତ ଭାବେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହେବ। ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସବୁ ମହିଳାଙ୍କୁ ମିଳିବ ସୁଭଦ୍ରା ସ୍କିମ ଟଙ୍କା। ଆଗାମୀ ଦୁଇ ବର୍ଷ ଭିତରେ ଏହି ଟଙ୍କାକୁ ମହିଳାମାନେ ନିଜ ଘରର ଆବଶ୍ୟକତା ଲାଗି ବ୍ୟୟ କରିପାରିବେ। ଉପ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହିଳା ଓ ଶିଶୁ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି ଏହି ସ୍କିମକୁ ମହିଳା ମାନଙ୍କ ପାଖରେ ପହଞ୍ଚାଇବା ପାଇଁ। ଏଥିସହ ସ୍କିମ ପାଇଁ ଯେଉଁ ବଜେଟର ଆବଶ୍ୟକତା ରହିଛି ସେ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି । ଜିଏସଟି କାଉନସିଲ ବୈଠକରେ ଏନେଇ ଆଲୋଚନା ହୋଇଛି ।

# କୃଷ୍ଣନଗର ଡାକଘରେ ମହାଘୋଟାଲାର ଉଚ୍ଚସ୍ତରୀୟ ତଦନ୍ତ
# ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଭଙ୍ଗାଗଲା ପୋଷ୍ଟ ଅଫିସ ତାଲା

ରାଜନଗର, : ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କୃଷ୍ଣନଗର ଡାକଘରେ ବହୁ ଲକ୍ଷ ଟଙ୍କାର ମହାଘୋଟାଲ ହୋଇଥିବା ଅଭିଯୋଗ ହୋଇଥିଲା । ମୁଖ୍ୟତଃ କୃଷ୍ଣନଗର, କନକନଗର, ବାଘୁଆ, ଶୈଳେନ୍ଦ୍ରନଗର ଗ୍ରାମର ଜମାକାରୀମାନେ ତାଙ୍କ ଜମାଖାତାରୁ ଲକ୍ଷଲକ୍ଷ ଟଙ୍କା ଗାଏବ



ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ । ଏନେଇ ଗଣମାଧ୍ୟମରେ ୧୩ତାରିଖ ଗୁରୁବାର ଦିନ ଖବର ପ୍ରକାଶ ପାଇବା ପରେ ଡାକ ବିଭାଗ ପକ୍ଷରୁ ତନଖି ଆରମ୍ଭ ହୋଇଥିଲା । ମାଜିଷ୍ଟ୍ରେଟ, ପୋଲିସ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ପୋଷ୍ଟ ଅଫିସର ତାଲା ଭଙ୍ଗା ଯାଇଛି । ରାଜନଗର ତହସିଲଦାର ଅଜୟକୁମାର ମହାନ୍ତି, ତାଳଚୁଆ ଏଏସଆଇ ପ୍ରତାପଚନ୍ଦ୍ର ମହାନ୍ତି, କେନ୍ଦ୍ରାପଡା ଜିଲ୍ଲା ପୋଷ୍ଟ ଅଫିସର ଉପଅଧିକ୍ଷକ ବିଜୟକୁମାର ପ୍ରଧାନ, ସ୍ଥାନୀୟ ସରଂପଚ ନନ୍ଦଦୁଲାଲ ପରିଡାଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା । ଏହାପରେ ରେକର୍ଡପତ୍ର ଯାଂଚ କରିବା ସହିତ ଅଧିକ ଅନୁଧାନ ପାଇଁ ନେଇଯାଇଥିବା ଜଣାପଡିଛି । ସୂଚନା ଥାଉକି, କୃଷ୍ଣନଗର ଗ୍ରାମର ଗୋପାଳ ଦଳେଇଙ୍କର ୨ଲକ୍ଷ ୨୦ହଜାର ଟଙ୍କା, ପ୍ରଭାତ ଦାସଙ୍କର ୬୦ହଜାର ଟଙ୍କା, ଆଶିଷ ଦାସଙ୍କର ୩୦ହଜାର ଟଙ୍କା, ଶମ୍ଭୁ ଜାନାଙ୍କର ୧ଲକ୍ଷ ଟଙ୍କା, କନକଲତା ଦାସଙ୍କର ୨ଲକ୍ଷ ଟଙ୍କା, ପାର୍ବତୀ ଦାସଙ୍କର ୮୦ହଜାର ଟଙ୍କା, ଗୌରୀବାଳା ଦାସଙ୍କର ୫ହଜାର ଟଙ୍କା, ଆରତୀ ମଣ୍ଡଙ୍କର ୬ହଜାର ଟଙ୍କା, ସଂଜୀବ ଦାସଙ୍କର ୬୦ହଜାର ଟଙ୍କା, ବାଘୁଆ ଗ୍ରାମର ପାର୍ବତୀ ମଣ୍ଡଳଙ୍କର ୧ଲକ୍ଷ ୪୫ହଜାର ଟଙ୍କା, ରେଣୁବାଳା ମଣ୍ଡଳଙ୍କର ୯୦ହଜାର ଟଙ୍କା, କଳ୍ପନା ମଣ୍ଡଳଙ୍କର ୧ଲକ୍ଷ ଟଙ୍କା, ପୂର୍ଣ୍ଣଚନ୍ଦ୍ର ମଣ୍ଡଳଙ୍କର ୧୮ହଜାର, ଜନ୍ତ ମାଇତିଙ୍କର ୧ଲକ୍ଷ ୪୦ହଜାର ଟଙ୍କା, ଶ୍ରୀକାନ୍ତ ଦାସଙ୍କର ୮୦ହଜାର ଟଙ୍କା, ବିଶ୍ୱନାଥ ମଣ୍ଡଳଙ୍କର ୧ଲକ୍ଷ ଟଙ୍କା, ପ୍ରଦୀପ ମଣ୍ଡଳଙ୍କର ୧ଲକ୍ଷ ୭୫ହଜାର ଟଙ୍କା, ଶୈଳେନ୍ଦ୍ରନଗର ଗ୍ରାମର ଆରାଅଲୀ ଖାଁଙ୍କର ୨ଲକ୍ଷ ଟଙ୍କା, ନିରଂଜନ ମଣ୍ଡଳଙ୍କର ୨୬ହଜାର ଟଙ୍କା, ଭୀମ ଦଳେଇଙ୍କର ୫୦ହଜାର ଟଙ୍କା ସହ ଅନେକ ହିତାଧିକାରୀଙ୍କର ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଥିଲା । ସ୍ଥାନୀୟ ଜମାକାରୀମାନେ ଏହି ଘଟଣା ଜାଣିବା ପରେ ପୋଷ୍ଟ ଅଫିସକୁ ଘେରିଥିଲେ । ଫଳରେ ଗତ ୮ତାରିଖ ଶନିବାରଠାରୁ ପୋଷ୍ଟ ମାଷ୍ଟର ଦୀପଙ୍କର ଦାସ ନିଜ ପରିବାର ସହ ଫେରାର ହୋଇଯାଇଥିବା ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହୋଇଥିଲା । ମୁଖ୍ୟତଃ ଡାକଘରେ ପୁନଃପୌନିକ ଜମା(ଆରଡି), ସୁକନ୍ୟା, ସଂଚୟ ଜମା, ପୋଷ୍ଟାଲ ଲାଇଫ ଇନ୍ସୁରାନ୍ସ(ପିଏଲଆଇ/ ଆରପିଏଲଆଇ), ସମୟ ଅବଧି ଜମା ପ୍ରଭୃତିରେ ଜମାକାରୀମାନେ ଲକ୍ଷ ଲକ୍ଷ ଟଙ୍କା ଜମା କରିଥିଲେ ମଧ୍ୟ ତାହା ଡାକଘର ରେକର୍ଡପତ୍ରରେ ନଥିବା ଜଣାପଡିଥିଲା । ଏହି ପୋଷ୍ଟ ଅଫିସଟି ଈଶ୍ୱରପୁର ଉପଡାକଘର ଅଧିନରେ ରହିଛି । ଉଲ୍ଲେଖ ଯୋଗ୍ୟ, ପୋଷ୍ଟ ମାଷ୍ଟର ଦୀପଙ୍କର ଦାସଙ୍କ ଘର କୃଷ୍ଣନଗର ଗ୍ରାମରେ । ତାଙ୍କର ସ୍ୱର୍ଗତ ପିତା ମଧ୍ୟ ଏଠାରେ ପୋଷ୍ଟ ମାଷ୍ଟର ଥିଲେ । ତାଙ୍କ ସମୟରେ ମଧ ଘୋଟାଲା ହୋଇଥିଲା । ସେ ନିଲମ୍ବିତ ହୋଇଥିଲେ ।

# କନ୍ଧମାଳ ରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୁଲିସ ହାବୁଡରେ ଧରାପଡିଲା : ଗଞ୍ଜେଇ ସହ ବାଇକ ଓ କାର ଜବତ : ୪ଜଣ ଗିରଫ



ବାଲିଗୁଡା, : କନ୍ଧମାଳ ରୁ ଭାୟା ରାଉରକେଲା ହୋଇ ଦିଲ୍ଲୀ କୁ ଏକ ଫର୍ଡ କାର ଓ ବାଇକ ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ହାବୁଡରେ ପଡି ୪ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ନିକଟରୁ ୬୩ କେଜି ଗଞ୍ଜେଇ ଜବତ ହୋଇଛି । ଘଟଣା ରୁ ପ୍ରକାଶ ଯେ, ବାଲିଗୁଡା ଥାନା ଏସ ଆଇ ଭୋଳାନାଥ ପଣ୍ଡାଙ୍କ ସହ ସଦଳବଳ ନିକଟସ୍ଥ ବଡଗାଁ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ବଡଗାଁ କନ୍ୟାଶ୍ରମ ନିକଟରେ ଏକ ଫର୍ଡ କାର ଓଡି-୦୫-ପି -୮୬୮୮ ଏବଂ ପଲସର ବାଇକ ନଂ. ଓଆର- ୦୫-ଏଆର-୫୩୧୩ ରେ ଆସୁଥିବା ବେଳେ ସେମାନଙ୍କୁ ଅଟକାଇ ଚେକିଙ୍ଗ କରୁଥିବା ବେଳେ ଘଟଣା ସ୍ଥଳରୁ ଦୁଇ ଜଣ ମହିଳା ଓ ଦୁଇ ଜଣ ପୁରୁଷଙ୍କୁ ଗିରଫ କରିବା ସହ ଏ ନେଇ ବାଲିଗୁଡା ଥାନା ରେ କେଶ ନଂ.୧୪୩ /୨୪ ରେ ଏକ ମାମଲା ରୁଜୁ ହୋଇଛି । ଏଥିରୁ ଜଣେ ଦିଲ୍ଲୀ ଅଞ୍ଚଳର ଧନଞ୍ଜୟ ସୋନି ହୋଇଥିବା ବେଳେ ଆଉ ତିନି ଜଣ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ଅଞ୍ଚଳର ବୁଧେଇ ଦିଗାଲ, ଉତ୍ତମ ଦିଗାଲ ଓ ରଶ୍ମିତା ଦିଗାଲ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

# ବସୁଧା ଯୋଜନା ଫେଲ୍, ଗାଁ କୁ ପାଇପ୍ ଅଛି ପହଞ୍ଚୁ ନାହିଁ ପାନୀୟଜଳ,ଚୂଆ ପାଣି ଭରଷା



କନ୍ଧମାଳ : କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡା ପଞ୍ଚାୟତ କଟାବାଲି ଗାଁ ର ଲୋକେ ଚୁଆ ପାଣି ଭରଷା । ଗ୍ରାମ ବାସୀ ଅଭିଯୋଗ ମୁତାବକ କଟାବାଲି ଗାଁ ରେ ବସୁଧା ଯୋଜନା ତରଫରୁ ଗାଁ କୁ ପାଇପ୍ ଘରକୁ ଘର ପହଞ୍ଚିଛି ସତ କିନ୍ତୁ ଗୋଟିଏ ଦିନ ମଧ୍ୟ ପହଞ୍ଚି ପାରୁନାହିଁ ପାନୀୟଜଳ । ଘର କୁ ଘର ପହଞ୍ଚି ଥିବା ପାଇପ୍ ଗୁଡ଼ିକ ଫାଟିଯାଏ ଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସୀ । ଯାହା ଫଳରେ କଟାବାଲି ଗାଁ ରେ ବସବାସ କରୁଥିବା ୧୧ ପରିବାର ଚୂଆ ପାଣି ବ୍ୟବହାର କରୁଛନ୍ତି । ବାରମ୍ବାର ପାନୀୟଜଳ ସମସ୍ୟା କୁ ନେଇ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି । ଅନ୍ୟ ପଟେ ସରକାର ଲକ୍ଷ ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନା ମାଧ୍ୟମରେ ଘର ଘର ପାଇପ୍ ଯୋଗାଇ ଦେଇଥିବା ବେଳେ ଠିକାଦାର ଓ ଦାଇତ୍ୱ ଥିବା ଯନ୍ତ୍ରୀ ଅବହେଳା ଯୋଗୁଁ ଗାଁ ରେ ପାଇପ୍ ପହଞ୍ଚି ଥିଲେ ସୁଦ୍ଧା ପାନୀୟଜଳ ବ୍ୟବସ୍ଥା ହୋଇପାରୁନାହିଁ ବୋଲି କହିଛନ୍ତି କଟାବାଲି ଗାଁ ର ପ୍ରଭାଜି ଦିଗାଲ, ନାତୁଡି ଦିଗାଲ, ମିଁଶି ଦିଗାଲ, ଚଞ୍ଚଳା, ଲତା ଦିଗାଲ, ସୁରଜିନି ମଲ୍ଲିକ, ପୁରନ୍ଦର ଦିଗାଲ, ଅଭିମନ୍ୟୁ ଦିଗାଲ, ଜାହିର୍ ଦିଗାଲ, ନବିନ ଦିଗାଲ ତୁରନ୍ତ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତ ।

# ସୁନା ଗହଣା ଲୁଟେରା ଗ୍ୟାଙ୍ଗକୁ କାବୁ କଲା ପୋଲିସ୍

ରାୟଗଡ , : ରାୟଗଡ ଜିଲା । କାଶିପୁର ବ୍ଲକ ଟିକିରି ପୋଲିସ କୁ ମିଳିଛି ବଡ ଧରଣର ସଫଳତା ।ଯାହାକି ଟିକିରି ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱ ବନ୍ଦିନୀ ବାଘଙ୍କ ନେତୃତ୍ୱରେ ଏହି ସଫଳତା ପୋଲିସ ବିଭାଗକୁ ମିଳିଛି । ସୂଚନା ମୁତାବକ ଟିକିରି ଅଞ୍ଚଳରେ କିଛି ଦିନ ହେଲା ଏକ ଚୋର ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ସାନ ମାଟି କଣା ଗ୍ରାମର ଜଣେ ମହିଳାଙ୍କ ନିକଟରୁ ଦୁଇଟି ସୁନାର ଜମେଲି, ଗୋଟିଏ ନାକ ଦଣ୍ଡି ଓ ଗୋଟିଏ ସୁନା ଚେନ ଲୁଟି ନେଇଥିଲେ । ଓ ପରେ ପହଣ୍ଡି ଛକ ନିକଟରେ ରାତ୍ରି ପ୍ରାୟ ୧୨ ଟା ସମୟରେ ଏକ ନୀଳଗିରି କାଠ ଗାଡି ଡ୍ରାଇଭରକୁ ଛୁରୀ ଓ ବନ୍ଧୁକ ଦେଖାଇ ୫ ହଜାର



ନଗଦ ଓ ଫୋନ୍ ପେ ରେ ୨୨ ହଜାର ଟଙ୍କା ଲୁଟ୍ କରିଥିଲେ । ଏହି ଘଟଣାକୁ ନେଇ ଥାନାରେ କେଶ ହୋଇଥିବା ବେଳେ ଏକ ମାମଲା ୧୨୫/ ୧୬/୦୬/୨୪ ରେ ରୁଜୁ ହୋଇଥିଲା । ଏହାକୁ ନେଇ ତଦନ୍ତ କରିବ ପରେ ଏହି ଘଟଣାରେ ନବରଙ୍ଗପୁର ଜିଲ୍ଲା ଖାତିଗୁଡାସ୍ଥିତ ଇନ୍ଦ୍ରାବତୀ କଲୋନୀ ର ଦୈତାରି ଚାଲାନ (୩୮) , ଖାତୀ ଗୁଡା ଅନ୍ତର୍ଗତ କେଣ୍ଡୁଗୁଦ ଗ୍ରାମର ଧନପତି ହରିଜନ ( ୨୪), କଳାହାଣ୍ଡି ଜିଲ୍ଲାର ଆମପାଣି ଥାନା ଅନ୍ତର୍ଗତ ଲେଖମ ଗାଁ ର ପାଳ ସାନ୍ତା ଓ ଆମପାଣି ଅନ୍ତର୍ଗତ ବିରୀମୋହନ ଛକ ପଡ଼ା ର ଦାସ ସାନ୍ତାକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

# ପାଟକୁରା ପୋଲିସକୁ ବଡ଼ ସଫଳତା,ଲକ୍ଷାଧିକ ଟଙ୍କା ଚୁନା ଲଗାଇଥିବା ଦମ୍ପତି ଗିରଫ

କେନ୍ଦ୍ରାପଡ଼ା, : ସହଭାଗିତା ବ୍ୟବସାୟ ନାଁ ରେ ଠକାମୀର ଶିକାର ହେଲେ ଯୁବକ,ଶେଷରେ ବନ୍ଧା ହୋଇ କୋର୍ଟ ଚାଲଣ ହେଲେ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ବଛରାଇ ପଞ୍ଚାୟତ ବଛରାଇ ଗାଁର ମଣିଭୂଷଣ ପରିଡାଙ୍କ ପୁଅ ସନ୍ତୋଷ କୁମାର ପରିଡା ଜଣେ ମେଡ଼ିସିନ ଡିଷ୍ଟ୍ରିବ୍ୟୁଟର ଭାବେ କାମ କରୁଥିଲେ । ସେ ବିଭିନ୍ନ କମ୍ପାନୀର ମେଡ଼ିସିନ ଓଡିଶା ବାହାରୁ ଆଣି ନିଜର ବ୍ୟବସାୟ କରନ୍ତି । କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଚଉଦକୁଲାଟ ଅଞ୍ଚଳର ବନମାଳୀ ମିଶ୍ରାଙ୍କ ପୁଅ ବିଭୂକଲ୍ୟାଣ ମିଶ୍ରା ନାମକ ଜଣେ ଯୁବକଙ୍କ ସହିତ ସନ୍ତୋଷଙ୍କ ମେଡ଼ିସିନ ବ୍ୟବସାୟ ମାଧ୍ୟମରେ ସାକ୍ଷାତ ହୋଉଥିଲା । ବିଭୂକଲ୍ୟାଣ ମିଶ୍ରା ଉତ୍ତରାଖଣ୍ଡ ହରିଦ୍ୱାର ଅଞ୍ଚଳର ଏକ ମେଡ଼ିସିନ କମ୍ପାନୀରେ ଏଚ.ଆର ମ୍ୟାନେଜର ଭାବେ କାମ କରୁଥିଲେ । ସନ୍ତୋଷ ଓ ବିଭୂକଲ୍ୟାଣଙ୍କ ମଧ୍ୟରେ ମେଡ଼ିସିନ କ୍ରୟ ବିକ୍ରୟକୁ ନେଇ ସୁ ସମ୍ପର୍କ ସ୍ଥାପନ ହୋଇଥିଲା । ସନ୍ତୋଷ ବ୍ୟବସାୟ କାମରେ ହରିଦ୍ୱାର ଯାଇଥିବା ବେଳେ ବିଭୂକଲ୍ୟାଣଙ୍କ ପରିବାର ସହିତ ମଧ୍ୟ ତାଙ୍କର ସୁସମ୍ପର୍କ ସ୍ଥାପନ ହୋଇଥିଲା । ବିଭୂକଲ୍ୟାଣ ମିଶ୍ରାଙ୍କ ସ୍ତ୍ରୀ ବୀଣା ମିଶ୍ରା ସନ୍ତୋଷଙ୍କୁ ଧରମ ଭାଇ କରିଥିଲେ ଓ ତାଙ୍କ ହାତରେ ରାକ୍ଷୀ ମଧ୍ୟ ବାନ୍ଧିଥିଲେ । ସନ୍ତୋଷ ମଧ୍ୟ ଭାଇ ଭଉଣୀ ସମ୍ପର୍କକୁ ନେଇ ବିଶ୍ୱାସ କରିବାକୁ



ଲାଗିଥିଲେ । ବିଭୂକଲ୍ୟାଣ ଆଉ ତାଙ୍କ ସ୍ତ୍ରୀ ବୀଣାଙ୍କ ଉପରେ ଆଉ ଯାହାର ଫାଇଦା ଉଠାଇ ଥିଲେ ଉଭୟ ସ୍ୱାମୀ ସ୍ତ୍ରୀ । ସନ୍ତୋଷକୁ ପାର୍ଟନରସିପରେ ଏକ ମେଡ଼ିସିନ କମ୍ପାନୀ କରିବା ପାଇଁ ପର୍ବତାଇ ଥିଲେ । ବିଭୂକଲ୍ୟାଣ ଆଉ ସନ୍ତୋଷ ମଧ ତାଙ୍କ କଥାକୁ ବିଶ୍ୱାସ କରିଥିଲେ । ବିଭୂକଲ୍ୟାଣଙ୍କ ଘର ସନ୍ତୋଷଙ୍କ ନିଜ ଜିଲ୍ଲା କେନ୍ଦ୍ରାପଡ଼ା ଚଉଦକୁଲାଟ ଅଞ୍ଚଳର ହୋଇଥିବାରୁ ସହଜରେ ତାଙ୍କ କଥାକୁ ଗ୍ରହଣ କରିନେଇଥିଲେ ସନ୍ତୋଷ । ସନ୍ତୋଷଙ୍କୁ ବିଭୂକଲ୍ୟାଣ ଆଉ ଜଣେ ଯୁବକ ରାହୁଲ ଯୋଶୀଙ୍କ ସହିତ ଭେଟ କରାଇଥିଲେ । ଆଉ ରାହୁଲ ଉତ୍ତରାଖଣ୍ଡ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବୋଲି କହିଥିଲେ । ଆଉ ସିଏ ଆମକୁ ମେଡ଼ିସିନ କମ୍ପାନୀ କରିବାରେ ସାହାଯ୍ୟ କରିବେ ବୋଲି କହିଥିଲେ । ବିଭୂକଲ୍ୟାଣ ସନ୍ତୋଷଙ୍କୁ କହିଥିଲେ କି କମ୍ପାନୀ କରିବାକୁ ହେଲେ ଅର୍ଥର ଆବଶ୍ୟକତା ଅଛି ଆଉ ତୁମେ ପଚାଶ ଲକ୍ଷ ଦିଅ ଆଉ ମୁଁ ପଚାଶ ଲକ୍ଷ ଦେବି ବୋଲି କହିଥିଲେ । ଠକାମୀର ଶିକାର ହୋଇଥିବା ଯୁବକ କିଛି ନବୁଝି ନସୁଝି ପଇସା ଦେବାକୁ ରାଜି ହୋଇଥିଲେ ଏବଂ ସନ୍ତୋଷ ତାଙ୍କୁ ଦେଉଥିବା ଭିନ୍ନ ଭିନ୍ନ ଆକାଉଣ୍ଟ ନମ୍ବରରେ ପଇସା ଦେବା ଆରମ୍ଭ କରିଦେଇଥିଲେ । ଦୀର୍ଘ ଚାରିବର୍ଷ ତଳୁ ପଇସା ଦେଇ ଆସୁଥିବା ସନ୍ତୋଷଙ୍କୁ ବିଭୂକଲ୍ୟାଣ ଭରସା ଦେବା ପାଇଁ ମିଛ ତଥ୍ୟ ଓ ଭିଡିଓ କଲ ମାଧ୍ୟମରେ ମେଡ଼ିସିନ କମ୍ପାନୀ ନିର୍ମାଣ ହେଉଥିବାର ମିଛ ଚିତ୍ର ଦେଖାଉଥିଲେ ।

# ନାଲକୋ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ଭୁବନେଶ୍ୱର : ନାଲକୋ ନଗର, ଅନୁଗୁଳ:ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାଶନ୍ୟାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ତରଫରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଦେଶବ୍ୟାପୀ ପାଳିତ ହେଉଥିବା ଏହି ଯୋଗ ଦିବସରେ ନାଲକୋ ତରଫରୁ କମ୍ପାନୀର ଅନୁଗୁଳ ଓ କୋରାପୁଟସ୍ଥିତ କାରଖାନା ତଥା ଅନ୍ୟାନ୍ୟୟୁନିଟଏବଂ ସମସ୍ତ ଆଞ୍ଚଳିକ ଅଫିସରେ ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମ୍ପାନୀର ସିଏମଡ଼ି ଶ୍ରୀ ଶ୍ରୀଧର ପାତ୍ର ଅନୁଗୁଳର ସ୍ମେଲ୍ଟର ଓ ପାୱାର ପ୍ଲାଣ୍ଟ ଠାରେ ଆୟୋଜିତ ଯୋଗ ଦିବସ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଯୋଗାଭ୍ୟାସ ସମାରୋହରେ କମ୍ପାନୀର ବରିଷ୍ଠ ଅଧିକାରୀବୃନ୍ଦ, କର୍ମଚାରୀଗଣ, ପରିବାର ସଦସ୍ୟ, ସ୍କୁଲ ଛାତ୍ର-ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ବିଶେଷ ଗଣ୍ୟମାନ୍ୟ ଅତିଥି ମାନଙ୍କ ମଧ୍ୟରେ ଶ୍ରୀମତୀ ସସ୍ମିତା ପାତ୍ର, ଅଧ୍ୟକ୍ଷା, ନାଲକୋ ମହିଳା ସମିତି,ଶ୍ରୀ ଅମିୟ କୁମାର ସ୍ୱାଇଁ, ଇଡି(ଏସ ଆଣ୍ଡ ପି), ଶ୍ରୀ ଆଶୁତୋଷ ରଥ, ଇଡି(ଏଚ ଏଣ୍ଡ ଏ)- ଭାରପ୍ରାପ୍ତ, ସମସ୍ତ ୟୁନିୟନ ଓ ଆସୋସିଏସନ କର୍ମକର୍ତ୍ତା, ସମସ୍ତ ଜିଜିଏମ ଓ ଅନ୍ୟାନ୍ୟ ଅତିଥି ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଯୋଗାଚାର୍ଯ୍ୟ ତଥା ସନ୍ୟାସୀ ଯୋଗେଶ୍ୱରଙ୍କ ତତ୍ତ୍ୱାବଧାନରେ ଏହି ଯୋଗ ଦିବସରେ ବିଭିନ୍ନ ଆସନ ଅଭ୍ୟାସ କରଯାଇଥିଲା। ସିଏମଡ଼ି ଶ୍ରୀ ଶ୍ରୀଧର ପାତ୍ର ନାଲକୋ ଡ଼ିପିଏସସ୍କୁଲ ଅନୁଗୁଳ ଠାରେ ଆୟୋଜିତ ଅନ୍ୟ ଏକ ସମାରୋହରେ ମୁଖ୍ୟ ଅତିଥି ରୂପେ ମଧ୍ୟ ଅଂଶଗ୍ରହଣ କରି ସ୍କୁଲର ଛାତ୍ର- ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ମାନ ପ୍ରଦର୍ଶନ କରଯାଇଥିଲା। ଶ୍ରୀ ପାତ୍ର ନିଜ ଉଦବୋଧନରେ ଯୋଗର ମହତ୍ତ୍ୱ ବିଷୟରେ ଆଲୋଚନା କରିବା ସହ ଦୈନନ୍ଦିନ ଜୀବନରେ ଯୋଗରଭୂମିକା ବିଷୟରେ ନିଜର ମତ ବ୍ୟକ୍ତ କରିଥିଲେ।

# ସାରା ରାଜ୍ୟକୁ ଛୁଇଁଲା ମୌସୁମୀ




ଭୁବନେଶ୍ୱର: ରାଜ୍ୟର ୩୦ଟି ଜିଲ୍ଲାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିଛି। ମୌସୁମୀ ବାୟୁ ପ୍ରଭାବରେ ଆଜି ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସ୍ୱାଭାବିକ ସମୟର ଦିନକ ପରେ ସବୁ ଜିଲ୍ଲାକୁ ମୌସୁମୀ ଛୁଇଁଛି। ଆଜି ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ୨୬ରୁ ଏହାର ପରିମାଣ ବଢ଼ିବ। ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିସବୁ ଜିଲ୍ଲାଗୁଡ଼ିକ ହେଲା- ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼। ଏହି ସବୁ ଜିଲ୍ଲାରେ ୭୦ରୁ ୧୧୦ ମିଲିମିଟର ବର୍ଷା ହେବାର ଆଶଙ୍କା ରହିଛି। ଆସନ୍ତା ୨୭ ତାରିଖରେ ପ୍ରବଳ ବର୍ଷା ପାଇଁ ୮ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆଜିଠାରୁ ଉପକୂଳ, ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ରହିବାର ସମ୍ଭାବନା ରହିଥିବା କେନ୍ଦ୍ର କହିଛି।

# ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାରେ ୫ ବହିଷ୍କାର




ଭୁବନେଶ୍ୱର : ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଦଳର ଶୃଙ୍ଖଳା ଭାଙ୍ଗିଥିବାରୁ ୫ ଜଣ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ବହିଷ୍କାର କରିଛି ଦଳ । ସେମାନଙ୍କୁ ପିସିସି ସଭାପତି ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି । ଏମାନେ ଶୁକ୍ରବାର ପିସିସି ସଭାପତିଙ୍କ ଚାମ୍ବରରେ ପଶି କାଳିମାଡ଼ କରିଥିବା ଅଭିଯୋଗ ହୋଇଥିଲା। ସୂଚନା ଥାଉକି କିଛି ଅସନ୍ତୁଷ୍ଟ ଗୋଷ୍ଠୀ କଂଗ୍ରେସ ଭବନରେ ପଶି ଶରତ ପଟ୍ଟନାୟକଙ୍କ ଉପରକୁ କାଳିମାଡ଼ କରିଥିଲେ । ଘଟଣାପରେ କଂଗ୍ରେସର ବରିଷ୍ଠ ନେତାମାନେ କଂଗ୍ରେସ ଭବନରେ ପହଞ୍ଚି ପସିସି ସଭାପତିଙ୍କ ସହ ଆଲୋଚନା କରିଥିଲେ ।ଏନେଇପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲ, ଛାତ୍ର ଜୀବନରୁ ମୁଁ ରାଜନୀତି କରି ଆସିଛି ।ଏହି ସମୟ ଭିତରେରାଜନୀତିରେ ଉତ୍ଥାନ ଓ ପତନ ଦେଖିଛି। ରାଜନୀତିରେ ଏପରି ହୁଏ ।ଏଥିରେ ଭୟବୀତ ହେବାର କୌଣସି କାରଣ ନାହିଁ। ସରକାରଙ୍କ ବିରୋଧରେ କିଛି କାର୍ଯ୍ୟକ୍ରମ କରାଯିବାର ଅଛି ।ଏଥିପାଇଁ କିଛିଦୁର୍ବୃତ୍ତମାନେ ଆସିଏପରି କାଣ୍ଡ କରିଛନ୍ତି। ସେ ଆହୁରି କହିଛନ୍ତି,କଂଗ୍ରେସକୁ ଦବେଇବାକୁ ଚେଷ୍ଟା କଲେ ଦବାଇ ହେବ ନାହିଁ। ଏହି ସମୟରେ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ବଡ଼ ସୂଚନା ଦେଇଥିଲେ। ସେ କହିଥିଲେ, ଖୁବଶୀଘ୍ର ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। କିଏ ଓ କାହିଁକି କାଳିମାଡ଼ କଲା ଚିହ୍ନଟ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ କାହା ଇଙ୍ଗିତରେ ଏପରି ଘଟଣା ଘଟିଛି ତାହାର ତଦନ୍ତ ହେବ।

# ରୋଟାରୀ କ୍ଲବ ପକ୍ଷରୁଅନ୍ୱେଷା ପରିସରରେ ବୃକ୍ଷରୋପଣ




ଫୁଲବାଣୀ : କନ୍ଧମାଳ ଜିଲ୍ଲା ଫୁଲବାଣୀ ବନଖଣ୍ଡ ଅଧିନସ୍ଥ ଫୁଲବାଣୀ ବନ ବିଭାଗ ରେଞ୍ଜ ସହାୟତାରେ ରୋଟାରୀ କ୍ଲବ ପକ୍ଷରୁ ରବିବାର ନାରାୟଣୀ ରୋଡ ସ୍ଥିତ ଅନ୍ୱେଷା ହଷ୍ଟେଲ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ରେଞ୍ଜ ଅଫିସରଶିବ ପ୍ରସାଦ ଲେଙ୍କା ଯୋଗଦେଇ ଥିବା ବେଳେ ରୋଟାରୀ କ୍ଲବ ସଭାପତି ଶ୍ରୀମତୀ ବିରାଜିନୀ ମହାପାତ୍ର, ସମ୍ପାଦିକା ଶ୍ରୀମତୀ ସୁନୀତି ଆଚାରୀ ଙ୍କ ସମେତ ଫରେଷ୍ଟର ସରୋଜ ମିଶ୍ର, ବରିଷ୍ଠ ରୋଟାରୀଆନ ତଥା ସମାଜସେବୀ ବିପ୍ରଚରଣପାତ୍ର, ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ବରିଷ୍ଠ ଆଇନଜୀବୀ ବିଜୟ ପଟନାୟକ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଅଧିକ ରୁ ଅଧିକ ବୃକ୍ଷରୋପଣ କରିବାଲାଗି ଛାତ୍ର ଛାତ୍ରୀ ଙ୍କୁ ପରାମର୍ଶ ଦେଇଥିଲେ କ୍ଷସେହିପରି ଜଙ୍ଗଲ ରେ ନିଆଁ ନଲଗାଇବା ବନ୍ୟ ଜନ୍ତୁ ର ସୁରକ୍ଷା କରିବାନେଇ ସଚେତନ କରିଥିଲେ କ୍ଷଆଉ ପ୍ରତ୍ୟେକ ଲୋକ ନିଜ ଜୀବନ କାଳରେ କିଛିକିଛି ଗଛ ଲଗାଇ୍ଵା ସହ ତାକୁ ବଞ୍ଚାଇରଖିଲେ ଭବିଷ୍ୟ ପିଢ଼ି ପରିବେଶ ପ୍ରଦୂଷଣ ରୁ ରକ୍ଷା ପାଇବେ ବୋଲି ବରିଷ୍ଠ ରୋଟାରୀଆନ ବିପ୍ରଚରଣ ପାତ୍ର କହିଥିଲେ କ୍ଷଏହି କାର୍ଯ୍ୟକ୍ରମ ରେ ରୋଟାରୀଆନ ମିନି ନାୟକ, ସୁନିତା ରାଣୀ ନାୟକ, ବିରଜା ପ୍ରସାଦ ନାହାକ, ହରିଶ୍ଚନ୍ଦ୍ର ମହାରଣା, କୁନ୍ଦନ ସିଂ, ପଦ୍ମ ଚରଣ ସ୍ୱାଇଁ, ରବୀନ୍ଦ୍ର ନାଥ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ଜ୍ଞାନ ରଞ୍ଜନ ଦୋରା, ପ୍ରଶାନ୍ତ ପାଣିଗ୍ରାହୀ ପିକେ ପଣ୍ଡା, ମନୋରଞ୍ଜନ ପଟନାୟକ, ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସିମାଞ୍ଚଳ ବେହେରା, ସର୍ବେଶ୍ୱର ମିଶ୍ର,ଓ ଡାକ୍ତର ଅକ୍ଷୟ ପଣ୍ଡା,ରଶ୍ମି ରଞ୍ଜନ ଶତପଥି ଙ୍କ ସମେତ ପବ୍ଲିକ ସ୍କୁଲ ର ବହୁ ଶିକ୍ଷକ, ଶିକ୍ଷୟତ୍ରୀ, ସାମ୍ବାଦିକ ଆଦିତ୍ୟ ତ୍ରିପାଠୀ, ଶିବରାମ ନାୟକ, ଶିବଶଙ୍କର ନାୟକ, ମୁସ୍କକ୍ଷନସୁଆର, ଶିବ ବିଶ୍ୱାଳ, କାହ୍ନକ୍ଷ ପଟନାୟକ, ପ୍ରଶାନ୍ତ ଜେନା, ସଦାଶିବ ପାତ୍ର, ସମେତ ସମାଜସେବୀ, ପରିବେଶ ବିତ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ।

# ନୂଆ ୩୩ କେଭି ଲାଇନ ସହ ବିଜୁଳି ଯୋଗାଣକୁ ସୁଦୃଢ଼ କଲା ଟିପିଏସ୍ଓଡିଏଲ୍



ବ୍ରହ୍ମପୁର : ଭରସାଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଏକ ନୂଆ ୩୩ କେଭି ଲାଇନ ସ୍ଥାପନ କରିଛି । ଗଞ୍ଜାମ ଜିଲ୍ଲା ଆସିକା ନୂଆ ଗ୍ରୀଡ୍ ସବଷ୍ଟେସନଠାରୁ ନୂଆଗାଁ ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଏହି ନୂଆ ଲାଇନ ଟଣା ଯାଇଛି । ଏହି ନୂତନ ଲାଇନରୁ ଗଞ୍ଜାମ ଜିଲ୍ଲା ଆସିକା, ଶେରଗଡ଼, ଓ ପୁରୁଷୋତ୍ତମପୁର ବ୍ଲକର ୧୩ଟି ଗ୍ରାମପଞ୍ଚାୟତର ୧୬ ହଜାରରୁ ଅଧିକ ଉପଭୋକ୍ତା ଉପକୃତ ହେଉଛନ୍ତି । ନୂଆଗାଁ ପ୍ରାଇମେରୀ ସବଷ୍ଟେସନକୁ ନୂଆ ଲାଇନ ଟଣା ଯିବା ପୂର୍ବରୁ ଆସିକା ପୁରୁଣା ଗ୍ରୀଡ୍ ଷ୍ଟେସନରୁ ବିଜୁଳି ସେବା ମିଳୁଥିଲା । ଏବେ ନୂଆ ଲାଇନ ଅପେକ୍ଷାକୃତ ଭାବେ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ପ୍ରଦାନ କରୁଛି । ସେହି ଭିତରେ ଆସିକା ବ୍ଲକର ନୂଆଗାଁ, ବଡ଼ଖୋଲି, ପାଣ୍ଡିଆପଥର, ସିଧନଇ, ଖରିଆ, ବରଗାଁ, ଜୟପୁର, ହରିଡ଼ାପଦର, ବାବନପୁର, ଭେଟନଇ, ଅଲ୍ଲିପୁର, ଶେରଗଡ଼ ବ୍ଲକର ବ୍ରାହ୍ମଣଛାଇ, ପୁରୁଷୋତ୍ତମପୁର ବ୍ଲକର ଟଙ୍କଛାଇ ଗ୍ରାମପଞ୍ଚାୟତ ସାମିଲ ରହିଛି । ପାଖାପାଖି ୫.୫ କିଲୋମିଟର ପରିବ୍ୟାପ୍ତ ଏହି ନୂତନ ଲାଇନ ବର୍ଦ୍ଧିତ ବିଜୁଳି ଚାହିଦାକୁ ମେଣ୍ଟାଇବାରେ ସକ୍ଷମ । ଏହା ସହ ବିଜୁଳି ଯୋଗାଣର ସ୍ଥିରତାକୁ ମଧ୍ୟ ବୃଦ୍ଧି କରିବାରେ ସମର୍ଥ । ନୂଆ ଲାଇନ କାରଣରୁ ସଂପୃକ୍ତ ଅଞ୍ଚଳରେ ଲାଗି ରହିଥିବା ଲୋ-ଭୋଲଟେଜ୍ ସମସ୍ୟା ଓ ବିଦ୍ୟୁତ ବାଧାପ୍ରାପ୍ତଜନିତ ସମସ୍ୟା ମଧ୍ୟ ଦୂର ହୋଇପାରିଛି । ସେହିଭଳି ଆସିକା ପୁରୁଣା ଗ୍ରୀଡ୍ ସବଷ୍ଟେସନରେ କୌଣସି ସମସ୍ୟା ଦେଖାଦେଲେ ଆଗଭଳି ବିଜୁଳି ପ୍ରବାହ ପ୍ରଭାବିତ ହେବ ନାହିଁ । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ‘ଉପଭୋକ୍ତାଙ୍କୁ ବିଶ୍ୱସନୀୟ ଓ ଉଚ୍ଚ ମାନର ବିଜୁଳି ସେବା ଯୋଗାଇ ଦେବା ଆମର ସର୍ବୋଚ୍ଚ ପ୍ରାଥମିକତା । ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ୩୩ କେଭି ଲାଇନ୍ ଏହି ଲକ୍ଷ୍ୟ ହାସଲ ଦିଗରେ ଏକ ବଡ଼ ପଦକ୍ଷେପ । ବର୍ଦ୍ଧିତ ଶକ୍ତି ଚାହିଦାକୁ ମେଣ୍ଟାଇବା ସହ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କମ୍ପାନୀ ନିଜର କ୍ରମାଗତ ପ୍ରୟାସ ଜାରି ରଖିଛି ।

# A Holistic Vision For Odisha's Future: Key Areas For Budget Prioritization

As Odisha stands at a pivotal juncture of economic and social developments, the state budget offers a crucial opportunity to foster sustainable growth and inclusive prosperity. Addressing key areas such as science, the environment, women empowerment, animal welfare, education, healthcare, support for the underprivileged, social security for the elderly, unemployed youth, and plantation initiatives can significantly contribute to the state's long-term well-being. Here's a detailed look at how strategic focus on these domains can set the foundation for a brighter and more equitable future of Odisha.

Scientific Research and Innovation

Investing in scientific research and technological advancements is vital. Enhancing funding for STEM education and research institutions, especially in rural areas, can equip our youth with the necessary skills to excel in an increasingly technological world. Such investments will not only drive economic growth but also create high-quality employment opportunities, fostering a culture of innovation and progress. By building a strong scientific infrastructure, Odisha can become a hub for research and development, attracting talents and investments.

Environmental Sustainability

Odisha's rich natural resources and biodiversity are invaluable assets. Allocating funds towards conservation projects, renewable energy initiatives, sustainable agricultural practices, and large-scale plantation drives will ensure the protection of our environment. Programs aimed at safeguarding forests, wildlife habitats, and water resources are essential for maintaining ecological balance and can also boost eco-tourism and sustainable industry sectors. Sustainable practices will not only preserve our environment but also ensure that future generations inherit a healthy ecosystem.

Women Empowerment

Empowering women through targeted budget allocations is crucial for building an inclusive society. Supporting women's education, healthcare, and en-



trepreneurship can have far-reaching impacts. Initiatives that promote gender equality in the workplace and support women in leadership roles will foster a more equitable and prosperous community. Additionally, programs addressing gender-based violence and improving maternal health are fundamental for achieving comprehensive women's empowerment. Empowering women economically and socially will lead to stronger families and communities.

Animal Welfare

The welfare of animals is a reflection of our society's compassion and responsibility. Allocating resources towards veterinary services, wildlife conservation, and the humane treatment of stray animals can ensure a balanced ecosystem and demonstrate our commitment to ethical treatment of all living beings. This focus can also enhance biodiversity and environmental health. Promoting animal welfare can improve community health and strengthen our ethical standards.

Preservation of Monuments and Heritage Sites

Odisha's rich cultural heritage is a significant asset that can greatly enhance tourism and foster economic development. Allocating funds to preserve and restore historical monuments and sites of importance can attract tourists from around the world. These efforts not only safeguard our cultural legacy but also create job opportunities and stimulate local economies. Preserving our heritage ensures that our history and culture are celebrated and passed on to future generations.

Education : Quality education is the cornerstone of a thriving society. Allocating resources to improve educational infrastructure, teacher training, and access to education for all, especially in underprivileged and rural areas, will empower the next generation. Scholarships and financial aid for deserving students can further promote academic excellence and inclusivity, ensuring that every child has the opportunity to succeed. An educated populace is essential for social and economic development.

Healthcare

A robust healthcare system is fundamental to the well-being of the population. Increasing funding for healthcare infrastructure, preventive care, and medical research can significantly improve public health outcomes. Special focus should be given to maternal and child health, rural healthcare facilities, and combating communicable diseases, ensuring that all citizens have access to quality healthcare services. Comprehensive healthcare services are vital for a healthy and productive society.

Support for Underprivileged

Ensuring that the underprivileged have access to basic necessities and opportunities for improvement is crucial. Programs aimed at poverty alleviation, skill development, and social welfare can help uplift the most vulnerable sections of society, fostering a more equitable community. These initiatives can provide a safety net and pathways to better opportunities for those in need. Economic support and skill development programs can break the cycle of poverty and create a more balanced society.

Support for the Elderly Many elderly people who do not receive pensions face financial insecurity. Providing social security measures, including pensions for elderly citizens without any other support, will ensure they live with dignity and security in their later years. This support can significantly improve their quality of life and reduce the burden on their families. Social security for the elderly is a fundamental responsibility of a compassionate society.

**Pension for Unemployed Youth**

To support the youth, who are the future of Odisha, introducing a



**Nihar Ranjan Acharya**

pension scheme for unemployed young individuals can provide a safety net as they transition into the workforce. This support will help alleviate the financial pressures they face and enable them to pursue further education or vocational training, preparing them for future opportunities. Such a scheme can reduce youth unemployment and foster economic stability.

**Plantation Initiatives**

Large scale plantation drives are essential for combating climate change, preventing soil erosion, and enhancing the green cover of our state. Allocating funds for afforestation projects, community-led tree planting programs, and the maintenance of existing green spaces can significantly contribute to a healthier and more sustainable environment. Increasing green cover will improve air quality, enhance biodiversity, and create a more pleasant living environment.In conclusion, an inclusive and forward-thinking budget that prioritize these areas can set the foundation for a brighter and more equitable future for Odisha. Under visionary leadership, the state can continue to make progressive strides in these critical domains, ensuring a prosperous and sustainable future for all its citizens.

Founder and Working Director, TRUST – a Science Lover Organization 'Scientific Officer', Indian Climate Congress
Email: nihar.acharya@rediffmail.com, nihar.acharya1973@gmail.com
Ph.8249775817

FOR EXCLUSIVE WEDDING CARDS
Bandhan
ସୁ-ସମ୍ପର୍କ ଗଢେ
ALL TYPES OF INVITATION CARDS
WE HAVE NO BRANCH
Ph:- 0674-2310196
Mob:- 8260685257
ବନ୍ଧନ
ସୁ-ସମ୍ପର୍କ ଗଢେ
ଏଠାରେ ନିମନ୍ତ୍ରଣ କାର୍ଡ ମିଳେ

# ଆଇଏସଟିଇର ୫୩ତମ ବାର୍ଷିକ ଜାତୀୟ ସମ୍ମିଳନୀ

# ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ସମ୍ମାନ




ଭୁବନେଶ୍ୱର, : କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଫର୍ ଟେକ୍‌ନିକାଲ୍ ଏଜୁକେସନ୍ (ଆଇଏସଟିଇ)ର ୫୩ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆଇଏସଟିଇର କାର୍ଯ୍ୟକାରୀ ସମ୍ପାଦକ ଡ଼.ଏସ୍.ଏମ୍.ଅଲ୍ଲୀ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଜି. ମାଲାସେଠୀଙ୍କ ଉପସ୍ଥିତିରେ ଆଇଏସଟିଇର ସଭାପତି ପ୍ରଫେସର ପ୍ରତାପ ସିଂ କାକାସାହେବ ଦେଶାଇ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ସବୁଜ ପ୍ରୟାସ ନିମନ୍ତେ କିଟ୍‌କୁ ମଧ୍ୟ ଆଇଏସଟିଇ ଜାତୀୟ ଶ୍ରେଷ୍ଠ ସ୍ୱଚ୍ଛ ଓ ସବୁଜ କ୍ୟାମ୍ପସ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଶ୍ରେଷ୍ଠ ପ୍ରଶାସକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କୁ ଆଏଏସଟିଇ ଜାତୀୟ ଶ୍ରେଷ୍ଠ ପ୍ରଶାସକ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଆଇଏସଟିଇ ଜୀବନବ୍ୟାପୀ ସାଧନା ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ସାମନ୍ତ କହିଲେ, କୌଣସି ବ୍ୟକ୍ତି ନିଷ୍ଠାର ସହ କୌଣସି ଭଲକାମ କଲେ ତାଙ୍କୁ ଯଦି ଉତ୍ସାହିତ ଓ ପ୍ରଶଂସା କରାଯାଏ ତେବେ ସେହି ବ୍ୟକ୍ତିଙ୍କୁ ଭରପୂର ଆନନ୍ଦ ମିଳିଥାଏ। ଏହି ସମ୍ମାନ ଦିଆଯାଇଥିବାରୁ ଶ୍ରୀ ସାମନ୍ତ ତେଣୁ ଆଇଏସଟିଇକୁ ନିଜର କୃତଜ୍ଞତା ଜଣାଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଜି ଆଇଏସଟିଇର ଦୁଇଦିନିଆ ୫୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ଏହି ସମ୍ମିଳନୀର ବିଷୟବସ୍ତୁ 'ବିକଶିତ ଭାରତ୨୦୪୭: ଉଚ୍ଚଶିକ୍ଷା ସହ ସମନ୍ୱୟ' ରଖାଯାଇଛି। ଏହି ସମ୍ମିଳନୀରେ ଦେଶର ବହୁ ପ୍ରତିଷ୍ଠିତ ବୈଷୟିକ ଶିକ୍ଷାବିତ୍ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରାଯାଇ ସଂସ୍କାର ଅଣାଯାଇପାରିବ ଏବଂ ଉଚ୍ଚ ଶିକ୍ଷା ସହ ସମନ୍ୱୟ ରକ୍ଷା କରାଯାଇ କିପରି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ଼. ପି.କେ. ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫ଜଣ ବିଶିଷ୍ଟ ବୈଷୟିକ ଶିକ୍ଷାବିତ୍ ଆଇଆଇଟି, ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ୍ ବାନାର୍ଜୀ, ଅବସରପ୍ରାପ୍ତ ମେଜର ଜେନେରାଲ୍ ମହେଶ କୁମାର ହାଡ଼ା, ଏଆଇସିଟିଇ ପରାମର୍ଶଦାତା ପ୍ରଫେସର ରାଜେନ୍ଦ୍ର ବଳିରାମ କାକଡ଼େ, ବିଶ୍ୱେଶରାୟ ବୈଷୟିକ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ବାସବାରାଜ ଗାଡ୍‌ଗେ, ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ପରାମର୍ଶଦାତା ଡ. ଅନିଲ କୁମାରଙ୍କୁ ଆଇଏସଟିଇ ଫେଲୋସିପ୍ ପ୍ରଦାନ କରାଯାଇଥିଲା।

## ଅମଲା ମାନଙ୍କ ଦାବିର ପୁନଃ ବିଚାର ପାଇଁ ଅନୁରୋଧ କଲା ସଂଘ

ଜୟପୁର : ଓଡ଼ିଶା ଅମଲା ସଂଘ ର ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଶ୍ରୀ ଶଶୀ ଭୂଷଣ ଦାଶ୍ ଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟ ରତ ଅମଲା ମାନେ ଯୋଗଦାନ କରିଥିଲେ । ମୁଖ୍ୟତଃ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ଏକମାତ୍ର ନ୍ୟାର୍ଯ୍ୟ ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ତା ୧୭.୦୭.୨୦୨୪ ରିଖ ଦିନ ସଂଘର ଉତ୍ସବ ପାଳନ କରିବା ସହିତ ଅବସରପ୍ରାପ୍ତ ଅମଲା ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନୂତନ ଭାବେ କନିଷ୍ଠ ସହାୟକ ପଦବୀ ରେ ଯୋଗଦାନ କରିଥିଲା ଅମଲା ମାନଙ୍କୁ ସ୍ୱାଗତ କରିବା ନିମନ୍ତେ ବୈଠକ ରେ ଆଲୋଚନା ହୋଇଥିଲା, । ଶେଷରେ ରାଜସ୍ୱ ସଂଘର କିଛି କର୍ମକର୍ତ୍ତା ଅମଲା ଭବନର ଦାୟିତ୍ୱ ହସ୍ତାନ୍ତର କରୁ ନଥିବା ନେଇ ବୈଠକରେ ସମସ୍ତେ ଉଦବେଗ ପ୍ରକାଶ




ଗ୍ରେଡ଼ ପେ ଦାବି ପୁରଣ ନିମନ୍ତେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ସାଧାରଣ ନିର୍ବାଚନ ନିମନ୍ତେ ଆଦର୍ଶ ଆଚରଣ ବିଧି ଲାଗୁ ହେବାର କିଛି ଘଣ୍ଟା ପୁର୍ବରୁ ସରକାର ଅମଲା ମାନଙ୍କ ଉଦ୍ଦେଶ୍ୟରେ ପତ୍ର ସଂଖ୍ୟା ୮୮୯୮ ତା ୧୫.୦୩.୨୦୨୪ ରିଖ ରେ ଯେଉଁ ନିର୍ଦ୍ଧାରଣ ଜାରି କରିଥିଲେ ତାକୁ ପ୍ରତ୍ୟାହାର କରିବା ନିମନ୍ତେ ନୂତନ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । , ଯେଉଁ ନିର୍ଦ୍ଧାରଣ ଯୋଗୁଁ ସମସ୍ତ ଅମଲା କ୍ଷତିଗ୍ରସ୍ତ ହେବାନେଇ ବୈଠକ ରେ ଆଲୋଚନା ହୋଇଥିଲା ଅପର ପକ୍ଷରେ କନିଷ୍ଠ ସହାୟକ ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାର ଙ୍କୁ ରାଜ୍ୟ ସଂଘ ଦାବି ଜଣାଇବା ନେଇ ଗୃହରେ ଆଲୋଚନା ହୋଇଥିଲା । ଦ୍ୱିତୀୟତଃ ଓଡ଼ିଶା ଅମଲା ସଂଘ ର ୮୧ ବର୍ଷ ପୂର୍ତ୍ତି ଉପଲକ୍ଷେ କରିଥିଲେ ବାରମ୍ବାର ଜିଲ୍ଲା ସଂଘ, ରାଜ୍ୟ ସଂଘ ଓ ଗୃହ ବିଭାଗ ସେମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ସେମାନେ ଦାୟିତ୍ୱ ହସ୍ତାନ୍ତର ନ କରିବା ଘଟଣାକୁ ଉପସ୍ଥିତ ସମସ୍ତ ଅମଲା ଅସନ୍ତୋଷ ପ୍ରକାଶ କରିଥିଲେ । ଏ ନେଇ ବାରମ୍ବାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏ ଯାଏଁ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଓ ବାରମ୍ବାର ଟାଉନ ଥାନା ରେ ଅଭିଯୋଗ କରା ଯାଇଥିବା ଶ୍ରୀ ଦାଶ୍ ବୈଠକ ରେ ସୁଚନା ଦେଇଥିଲେ, ସର୍ବ ସମ୍ମତି କ୍ରମେ ତା ୩୦.୦୬.୨୦୨୪ ରିଖ ଦିନ ଏକ ସାମ୍ବାଦିକ ସମ୍ମିଳନୀ କରିବା ସହିତ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବା ଓ ରାଜ୍ୟ ସଂଘ ର ନେତୃବୃନ୍ଦ ଙ୍କ ଉପସ୍ଥିତି ରେ ଅମଲା ଭବନ ର ତାଲା ଭାଙ୍ଗି ଦାୟିତ୍ୱ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସ୍ଥିର କରାଯାଇଥିଲା

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




ଝାରସୁଗୁଡ଼ା : ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ପ୍ରାକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ ପୂର୍ବକ ବିପଦ ଶଙ୍କୁଳ ସ୍ଥାନର ଅନୁଧ୍ୟାନ ଓ ତତ୍ ସମ୍ପର୍କିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବୈଠକରେ ଯୋଗ ଦେଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନ ଜୀବନର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ପରାମର୍ଶ ଦେବା ସହ ଲୋକାଭିମୁଖୀ ଯୋଜନା ସମୂହର ସୁଫଳ ସମାଜର ତଳ ସ୍ତରରେ ପହଞ୍ଚାଇବା ପାଇଁ ଜନ ପ୍ରତିନିଧି , ସରକାରୀ କର୍ମଚାରୀଙ୍କ ମିଳିତ ଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ। ଝାରସୁଗୁଡ଼ାକୁ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରିବାକୁ ସାଂସଦ ଶ୍ରୀ ପୁରୋହିତ ଆହ୍ୱାନ ଦେଇଛନ୍ତି। ବୈଠକରେ ଯୋଗଦେଇ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯୋଜନାଗୁଡ଼ିକ ଶେଷ କରିବା ଓ ଲୋକମାନଙ୍କୁ ସେବା ଯୋଗାଇ ଦେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ସକାଶେ ବିଭିନ୍ନ ବିଭାଗଗୁଡିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ଓ ପୌରପାଳିକାର ବିଭିନ୍ନ ଅଞ୍ଚଳରେ ନଦୀ ଜଳ ପ୍ରବେଶ କରୁଥିବା ସ୍ଥାନ ଗୁଡ଼ିକ ପ୍ରତି ସତର୍କ ଦୃଷ୍ଟି ରକ୍ଷା କରିବା , ପ୍ରାକ ପ୍ରସ୍ତୁତି ପୂର୍ବକ ବାଲି ବସ୍ତା ଓ ସିମେଣ୍ଟ ବସ୍ତା ମହଜୁଦ ରଖିବା, ବିଦ୍ୟାଳୟ ମାନଙ୍କରେ ଅସ୍ଥାୟୀ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରିବା, ଚୂଡ଼ା ଚାଉଳ ଓ ଆବଶ୍ୟକୀୟ ଔଷଧାଦି ଗଚ୍ଛିତ ରଖିବା,ପାନୀୟ ଜଳ ବ୍ୟବସ୍ଥା, ନଳକୂପ ବିଶୋଧନ , ପୋ?ରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳର ବ୍ୟବସ୍ଥା , ଗୃହପାଳିତ ପଶୁଙ୍କ ସକାଶେ ଖାଦ୍ୟ ଓ ଔଷଧ , ଉଦ୍ଧାର କାର୍ଯ୍ୟ ପାଇଁ ରିଲିଫ ଦଳ ଗଠନ ଓ ସେମାନଙ୍କୁ ପ୍ରଶିକ୍ଷଣ , ପାୱାର ବୋଟ ପ୍ରସ୍ତୁତ ରଖିବା, ବିଭିନ୍ନ ସାମାଜିକ ସଙ୍ଗଠନ ସହ ଯୋଗାଯୋଗ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଉମାକାନ୍ତ ପ୍ରଧାନ ଡି ପି ଓ ସୁଶାନ୍ତ ମିଶ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୋ?ର ପାଳିକା ନିର୍ବାହୀ ଅଧିକାରୀଙ୍କ ସମେତ ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ ।

## ପ୍ରାକ-ବଜେଟ୍ ପରାମର୍ଶ ବୈଠକ

# ସମ୍ବଲପୁରରେ ଏମ୍ସ-୨ ସହ ସୁଭଦ୍ରା ଯୋଜନା ପାଇ ଆର୍ଥିକ ସହାୟତା ମାଗିଲେ ରାଜ୍ୟ ଅର୍ଥ ମନ୍ତ୍ରୀ




ନୂଆଦିଲ୍ଲୀ, : ଆଜି କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ-ବଜେଟ୍ ପରାମର୍ଶ ବୈଠକରେ ଓଡିଶାର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଯୋଗ ଦେଇଥିଲେ । ଆଗାମୀ କେନ୍ଦ୍ର ବଜେଟ୍, ୨୦୨୪-୨୫ ପାଇଁ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ପରାମର୍ଶ ନେବାକୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏହି ବୈଠକରେ ଯୋଗ ଦେଇଥିଲେ । ଓଡ଼ିଶା ପକ୍ଷରୁ ରାଜ୍ୟର ଅର୍ଥନୀତି, ବିକାଶ ପ୍ରସଙ୍ଗକୁ ନେଇ ଏକ ଲିଖିତ ସ୍ମାରକପତ୍ର କେନ୍ଦ୍ର ବଜେଟ୍, ୨୦୨୪-୨୫ ରେ ଉପଯୁକ୍ତ ପଦକ୍ଷେପ ନିମନ୍ତେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ନିକଟରେ ଦାଖଲ କରାଯାଇଥିଲା । ତେବେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଓଡିଶାର ଉପମୁଖ୍ୟମନ୍ତ୍ରୀ ତାଙ୍କ ସଂକ୍ଷିପ୍ତ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଓଡିଶାରେ ଆନ୍ତର୍ଜାତୀୟ ନିବେଶ, ସେମିକଣ୍ଡକ୍ଟର ଶିଳ୍ପକୁ ଆକର୍ଷିତ କରିବା ସହ ଓଡିଶାକୁ ଏକ ନିବେଶ କେନ୍ଦ୍ର ଭାବରେ ଉପଯୁକ୍ତ ପ୍ରୋତ୍ସାହନ ଏବଂ ପାରାଦୀପ ବନ୍ଦରର ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଶେଷ ସହାୟତା । ଭିତ୍ତିଭୂମି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୁଞ୍ଜି ନିବେଶ ନିମନ୍ତେ ସ୍ୱତନ୍ତ୍ର ସହାୟତା ଯୋଜନା ୨୦୨୪-୨୫ (ଏସଏସିଆଇ) ଅଧୀନରେ ରାଜ୍ୟକୁ ଅଧିକ ଆବଣ୍ଟନ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । କେନ୍ଦ୍ର ବଜେଟରେ ସିଏସଏସ୍ ଯୋଜନା ଅଧୀନରେ ରାଜ୍ୟ-ୱାରି ବାର୍ଷିକ ଆବଣ୍ଟନର ଅଗ୍ରୀମ ସୂଚନା, ଯାହା ରାଜ୍ୟମାନଙ୍କୁ ସେମାନଙ୍କର ବଜେଟକୁ ବାସ୍ତବ ଭିତ୍ତିରେ ପ୍ରସ୍ତୁତ ଏବଂ ପାଣ୍ଠିର ସମୟାନୁବର୍ତ୍ତୀ ଉପଯୋଗ କରିବାରେ ସହାୟକ ହେବ । ଓଡ଼ିଶାର ସମ୍ବଲପୁର ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ବଜେଟ, ୨୦୨୪-୨୫ ରେ ଉପଯୁକ୍ତ ବ୍ୟବସ୍ଥା । ଓଡିଶାରେ ଜାତୀୟ ରାଜପଥ, ବିଶେଷକରି କୋଷ୍ଟାଲ୍ ହାଇୱେ ଏବଂ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (ସିଆରଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ସହ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ସଶକ୍ତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆଂଶିକ ସହାୟତା ପାଇଁ ଅନୁରୋଧ କରାଯାଇଛି । ପିଏମଏୱାଇ ଯୋଜନା ଅଧୀନରେ ଓଡିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ପାଇଁ ଅତି କମରେ ୫ ଲକ୍ଷ ଘର ନିର୍ମାଣ ପାଇଁ କେନ୍ଦ୍ର ବଜେଟରେ ଆବଶ୍ୟକୀୟ ଆବଣ୍ଟନ ।

# ଆଶ୍ୱସ୍ତି ପାଇଁ ସୁପ୍ରିମକୋର୍ଟ ଗଲେ କେଜ୍ରିୱାଲ



ନୂଆଦିଲ୍ଲୀ : ଟ୍ରାଏଲ କୋର୍ଟ ଜାମିନ ଦେଇଥିଲେ । କିନ୍ତୁ ହାଇକୋର୍ଟ ଏହା ଉପରେ ଅସ୍ଥାୟୀ ଭାବେ ରୋକ ଲଗାଇ ଦେଇଥିଲେ । ଏବେ ହାଇକୋର୍ଟଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସେ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ପାଇଁ ନିବେଦନ କରିଛନ୍ତି । ହାଇକୋର୍ଟ ଜାମିନ ଉପରେ ଲଗାଇଥିବା ରୋକକୁ ହଟାଇବା ପାଇଁ ଆଜି କେଜ୍ରିୱାଲ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା କେଜ୍ରିୱାଲ ଏବେ ତିହାର ଜେଲରେ ରହିଛନ୍ତି । ଗୁରୁବାର ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀର ରାଉଜ ଆଭିନ୍ୟୁ କୋର୍ଟ ଜାମିନ ଦେଇଥିଲେ । ଶୁକ୍ରବାର ସେ ମୁକୁଳିବାର ଥିଲା । କିନ୍ତୁ ଇଡି ଜାମିନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପହଞ୍ଚି ଯାଇଥିଲା । ହାଇକୋର୍ଟ ଏହାକୁ ଗ୍ରହଣ କରି ଶୁଣାଣି ଶେଷ ନ ହେବା ଯାଏ କେଜ୍ରିୱାଲଙ୍କ ଜାମିନ ଉପରେ ରୋକ ଲଗାଇ ଦେଇଛନ୍ତି । କୋର୍ଟ ୨/୩ ଦିନ ମଧ୍ୟରେ ଚୂଡ଼ାନ୍ତ ରାୟ ପ୍ରକାଶ କରିବେ ବୋଲି କହିଛନ୍ତି । କିନ୍ତୁ କେଜ୍ରିୱାଲଙ୍କ ଓକିଲ ଆଜି ସୁପ୍ରିମକୋର୍ଟରେ ପହଞ୍ଚି ଆସନ୍ତାକାଲି ଆବେଦନର ଶୁଣାଣି ପାଇଁ ନିବେଦନ କରିଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ ହୋଇଥିବା କେଜ୍ରିୱାଲଙ୍କୁ ମେ' ୩୦ରେ ସୁପ୍ରିମକୋର୍ଟ ୨୧ ଦିନ ପାଇଁ ଜାମିନ ଦେଇଥିଲେ । ଜୁନ ୨ରେ ସେ ଲୋକସଭା ନିର୍ବାଚନ ସାରି ପୁଣି ତିହାର ଜେଲକୁ ଫେରିଥିଲେ । ସେବେଠାରୁ ସେ ଜେଲରେ ରହିଛନ୍ତି ।

# ଦକ୍ଷିଣ ଚୀନ ସାଗରରେ ଯୁଦ୍ଧର କଳାବାଦଲ



### ଚୀନ ଓ ଫିଲିପାଇନ୍ସ ଉତ୍ତେଜନା

ମାନିଲା, : ଦକ୍ଷିଣ ଚୀନ୍ ସାଗରରେ ଚୀନର ଆଧିପତ୍ୟରେ ଫିଲିପାଇନ୍ସ ଏବେ ବିରକ୍ତ ହୋଇଯାଇଛି । ଏହାର ଗୋଟିଏ ଦିନ ପୂର୍ବରୁ ଦକ୍ଷିଣ ଚୀନ୍ ସାଗରରେ ଦୁଇ ଦେଶର ନୌସେନା ମଧ୍ୟରେ ତୀବ୍ର ସଂଘର୍ଷ ହୋଇଥିଲା । ଏହାପରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ସେପଟେ ଫିଲିପାଇନ୍ସ ରାଷ୍ଟ୍ରପତି ରବିବାର ଏକ ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କ ଦେଶ କୌଣସି ବିଦେଶୀ ଶକ୍ତି ଆଗରେ ମୁଣ୍ଡ ନୁଆଁଇବ ନାହିଁ କିନ୍ତୁ କେବେ ବି ଯୁଦ୍ଧ ଆରମ୍ଭ କରିବ ନାହିଁ । ଏହା ସହ ଫିଲିପାଇନ୍ସ ସୈନିକମାନେ ଦକ୍ଷିଣ ଚୀନ ସାଗରରୁ ପଛକୁ ହଟିବେ ନାହିଁ ବୋଲି ମଧ କୁହାଯାଇଛି । ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ହୋଇଥିବା ସଂଘର୍ଷରେ ଚୀନ୍ ସେନା ଫିଲିପାଇନ୍ସ ନୌସେନା କର୍ମଚାରୀଙ୍କୁ ଆହତ କରିବା ଏବଂ ଅତି କମରେ ଦୁଇଟି ସାମରିକ ଡଙ୍ଗାକୁ କ୍ଷତି ପହଞ୍ଚାଇବା ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ ଏବେ ପଛକୁ ହଟିବାର ପ୍ରଶ୍ନ ଉଠୁନାହିଁ । ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିୟର ତାଙ୍କ ଶୀର୍ଷ ଅଧିକାରୀ ଏବଂ ପ୍ରତିରକ୍ଷା ମୁଖ୍ୟଙ୍କ ସହ ଦ୍ୱୀପ ପ୍ରଦେଶ ପାଲାୱାନ ଅଭିମୁଖେ ଯାତ୍ରା କରିଥିଲେ ।

## ।।।।। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା ।।।।।

# ଝାଡ଼ଖଣ୍ଡରୁ ୬ ଜଣଙ୍କୁ ଗିରଫ କଲା ବିହାର




ନୂଆଦିଲ୍ଲୀ, : ନିଟ୍ ପେପର ଲିକ୍ ମାମଲାରେ ବିହାର ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଝାଡଖଣ୍ଡର ଦେଓଘର ଜିଲ୍ଲାରୁ ବିହାର ପୁଲିସ ୬ ଜଣଙ୍କୁ ବିହାର ଅଣାଯାଇଛି । ପୁଲିସର ସୂଚନା ଅନୁସାରେ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ରେ ଅନିୟମିତତା ଅଭିଯୋଗରେ ଝାଡ଼ଖଣ୍ଡର ଦେଓଘର ଜିଲ୍ଲାରୁ ୬ ଜଣଙ୍କୁ ଅଟକ ରଖାଯାଇଛି । ଶୁକ୍ରବାର ରାତିରେ ଦେବୀପୁର ଥାନା ଅନ୍ତର୍ଗତ ଏମ୍ସ-ଦେଓଘର ନିକଟରେ ଥିବା ଏକ ଘରୁ ସେମାନଙ୍କୁ ଅଟକ ରଖାଯାଇଥିଲା । ଦେଓଘର ସଦର ଏସଡିପିଓ ରିତ୍ୱିକ ଶ୍ରୀବାସ୍ତବ କହିଛନ୍ତି, ବିହାର ପୁଲିସ ଆମକୁ ସୂଚନା ଦେଇଥିଲା । ଆମ ପରିଚୟ ଆଧାରରେ ସେମାନଙ୍କୁ ଅଟକ ରଖାଯାଇଥିଲା । ସମସ୍ତ ସନ୍ଦିଗ୍ଧଙ୍କୁ ବିହାର ନିଆଯାଇଛି । ସନ୍ଦିଗ୍ଧମାନେ ଝୁନୁ ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରେ ରହୁଥିବା ଅଭିଯୋଗ ହୋଇଛି । ସେମାନେ ହେଲେ ପରମଜିତ୍ ସିଂହ ଓରଫ ବିଟ୍ଟୁ, ଚିଣ୍ଟୁ ଓରଫ ବଳଦେବ କୁମାର, କାଜୁ ଓରଫ ପ୍ରଶାନ୍ତ କୁମାର, ଅଜିତ କୁମାର, ରାଜୀବ କୁମାର ଓରଫ କାରୁ (ସମସ୍ତେ ବିହାରର ନାଳନ୍ଦା ଜିଲ୍ଲାର ବାସିନ୍ଦା) ଓ ପାଙ୍କୁ କୁମାର । ଏହି ମାମଲାରେ ବିହାର ବ୍ୟତୀତ ଅନେକ ରାଜ୍ୟରୁ ମଧ୍ୟ ଅଭିଯୁକ୍ତ ଧରାପଡ଼ିଛନ୍ତି । ଜଣେ ଚତୁର୍ଥ ପାସ୍ ଟ୍ରାକ୍ଟର ଚାଳକକୁ ମଧ୍ୟ ବିହାରର ରୋହତାସ ଜିଲ୍ଲାରୁ ଗିରଫ କରାଯାଇଛି । ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରେ ଅଛନ୍ତି ୩୮ ବର୍ଷୀୟ ବିଟ୍ଟୁ ସିଂ । ଚତୁର୍ଥ ପାସ୍ ବିଟ୍ଟୁ ସିଂହ ପ୍ରଥମେ ଟ୍ରାକ୍ଟର ଚଳାଉଥିଲା, କିନ୍ତୁ ପରେ ସିକନ୍ଦର ଯଦୁବେନ୍ଦ୍ରଙ୍କ ବ୍ୟକ୍ତିଗତ ଡ୍ରାଇଭର ହୋଇଥିଲା । ଏହି ପେପର ଲିକ୍ ରେ ସିକନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏହି କାରଣରୁ ବିଟ୍ଟୁକୁ ମଧ ଗିରଫ କରାଯାଇଛି ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |



## CONTACT

6371417361 voiceofvictimsnews@gmail.com
www.voiceofvictims.co.in


Follow/Like/Subscribe : Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର